ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୪ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 JANUARY 2026
Vol.No. 36 ■ No.04 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ...

ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net

# ଆକ୍ରମଣ ପରେ ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କଲା ଆମେରିକା

## ଏକ ଟିଭି ସୋ ପରି ମାଦୁରୋଙ୍କ ଗିରଫଦାରିର ସିଧା ପ୍ରସାରଣ ଦେଖୁଥିଲି : ଟ୍ରମ୍ପ



ନୂଆଦିଲ୍ଲୀ,୩/୧ : ଗଣତନ୍ତ୍ର, ଆଇନର ଶାସନ, ସ୍ୱାଧୀନତା ଆଦି ବାହାନାରେ ଆଉ ଏକ ଦେଶ ଉପରେ ଆକ୍ରମଣ କରି ତାହାକୁ ଛାରଖାର କରିଦେଇଛି । ଏହି ଦେଶଟି ହେଉଛି ଦକ୍ଷିଣ ଆମେରିକୀୟ ଦେଶ ଭେନିଜୁଏଲା । ଏହି ତୈଳ ସମୃଦ୍ଧ ଦେଶ ଉପରେ ଆକ୍ରମଣ କରି ତାହାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିଛି । ଗୋଟିଏ ଦେଶର ରାଷ୍ଟ୍ରପତିଙ୍କ ଜଣେ ସାଧାରଣ ଅପରାଧୀ ପରି ଗିରଫ କରି ନିଆଯାଉଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତେବେ ଏହି ଫଟୋର ସତ୍ୟାସତ୍ୟ ଜଣାପଡ଼ିନାହିଁ । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୋସିଆଲ ମିଡିଆ ପୋଷ୍ଟ ମାଦୁରୋଙ୍କ ଗିରଫଦାରିକୁ ସ୍ପଷ୍ଟ କରିଛି । ଟ୍ରମ୍ପ ଲେଖିଛନ୍ତି ଯେ ଆମେରିକା ଭେନିଜୁଏଲା ବିରୋଧରେ ଏକ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଛି ଓ ସେଠାକାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରି ଅଣାଯାଇଛି । ତେବେ, ଜଣେ ଦେଶର ରାଷ୍ଟ୍ରପତିଙ୍କୁ ଜଣେ ଅପରାଧୀ ପରି ଗିରଫ କରାଯିବା ନେଇ ସମଗ୍ର ବିଶ୍ୱରେ ବିରୋଧ ପ୍ରକାଶ ପାଇଛି । ଏହାକୁ ଇରାନ, ଚୀନ, ରୁଷ ପ୍ରଭୃତି ଦେଶ ବିରୋଧ କରିଛନ୍ତି । ଭେନିଜୁଏଲା ସହ ଶତ୍ରୁତା ଯୋଗୁଁ ଆମେରିକା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ରୁଷ କହିଛି । ସେପଟେ ଇରାନ କହିଛି ଏହି କାର୍ଯ୍ୟାନୁଷ୍ଠାନ ଜାତିସଂଘ ନିୟମାବଳୀର ଉଲ୍ଲଙ୍ଘନ ଓ ଏହା ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ପ୍ରଭାବିତ କରିବ । ଲାଟିନ ଆମେରିକୀୟ ଦେଶ ଭେନିଜୁଏଲା ଉପରେ ଆକ୍ରମଣ ଓ ତାହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ ପ୍ରସଙ୍ଗରେ ଆଉ ଏକ ବୟାନ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ ସେ ଏକ ଟିଭି ସୋ ପରି ସବୁକିଛି ଲାଇଭ୍ ଦେଖୁଥିଲେ । ଟ୍ରମ୍ପ କହିଛନ୍ତି, "ଭେନେଜୁଏଲାର ମାଦୁରୋଙ୍କୁ ନ୍ୟୁୟର୍କ ଅଣାଯିବ । ଭେନେଜୁଏଲା ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏହାର ସଙ୍କେତ ଯେ ଆମେ କାହାର ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ । ଆମେ ଚାରି ଦିନ ଧରି ଏହି କାର୍ଯ୍ୟାନୁଷ୍ଠାନ ପାଇଁ ଅପେକ୍ଷା କରିଥିଲୁ । ମାଦୁରୋ ଧରାପଡ଼ିବାର ସିଧା ପ୍ରସାରଣ ଦେଖିଛି, ତାହା ଏକ ଟିଭି ସୋ ପରି ଥିଲା ।" ଅନ୍ୟପକ୍ଷରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ପୂର୍ବରୁ ମାଦୁରୋଙ୍କୁ ଅନେକ ବିକଳ୍ପ ଦେଇଥିଲେ, ଯେପରିକି ନିଶା କାରବାର ବନ୍ଦ କରିବା, ଚୋରି ହୋଇଥିବା ତେଲ ଫେରସ୍ତ ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେ ମାନିନଥିଲେ ।

# ଓଡ଼ିଶା ଦେଖିବ ନୂଆ ଆଞ୍ଚଳିକ ଦଳ: ଆଭାସ ଦେଲେ ମହମ୍ମଦ ମୋକିମ, ଉତ୍ସାହିତ ଦ୍ୱିତୀୟ ପିଢ଼ିର ଯୁବ ନେତୃତ୍ୱ



ଭୁବନେଶ୍ୱର, ୩/୧ (ନି.ପ୍ର): ନୂଆ ଆଞ୍ଚଳିକ ଦଳ ଗଠନ ନେଇ ମୋକିମଙ୍କ ଇସାରା ପରେ ଓଡ଼ିଶା ରାଜନୀତିରେ ସୃଷ୍ଟି ହୋଇଛି କମ୍ପନ । ଯୁବ ନେତୃତ୍ୱଙ୍କୁ ନେଇ ନୂଆ ଦଳର ଭବିଷ୍ୟତର ନକ୍ସା ଆଙ୍କିଛନ୍ତି ମୋକିମ । ପ୍ରଚ୍ଛଦପଟରେ ରହିଛନ୍ତି ଅନେକ ବଡ଼ ଚେହେରା । ହେଲେ ନୂଆ ଆଞ୍ଚଳିକ ଦଳ ହେଲେ ପୁରୁଣା ଦଳ କିଏ ଛାଡିବେ ତାହାକୁ ନେଇ ୩ ପ୍ରମୁଖ ଦଳ ମଧ୍ୟରେ ସନ୍ଦେହର ବାତାବରଣ । ନୂଆବର୍ଷ ଆରମ୍ଭରୁ ଓଡ଼ିଶା ରାଜନୀତିରେ ହଲଚଲ ଆରମ୍ଭ ହୋଇଛି । ଗତ କିଛି ଦିନ ହେବ କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ରାଜ୍ୟର ବରିଷ୍ଠ ନେତାଙ୍କ ସହ କବାଟକିଳା ବୈଠକ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚାକୁ ଜନ୍ମ ଦେଇଥିଲା । ଶନିବାର ଏହି ଚର୍ଚ୍ଚାକୁ ବଳ ଦେଇଛନ୍ତି ମୋକିମ । ସିଧାସଳଖ କହିଛନ୍ତି, ସୁଯୋଗ ଅପେକ୍ଷାରେ ଥିବା ଯୁବବର୍ଗ ଯୋଗାଯୋଗରେ ଅଛନ୍ତି ।

◆◆ପୃଷ୍ଠା ୭

# କୋରାପୁଟରେ ନାବାଳିକା ଗର୍ଭବତୀ: ସମ୍ବଲପୁରରେ ଦୁଷ୍କର୍ମ ଅଭିଯୋଗ

ସମ୍ବଲପୁର/ବନ୍ଧୁଗାଁ, ୩/୧ (ନି.ପ୍ର): ରାଜ୍ୟରେ ନାବାଳିକାମାନେ ଅସୁରକ୍ଷିତ ଥିଲା ଭଳି ମନେ ହେଉଛି । ନାବାଳିକାଙ୍କୁ ନେଇ ପ୍ରାୟତଃ ଖବର ଗଣମାଧ୍ୟମରେ ଆସୁଛି । କୋରାପୁଟଜିଲ୍ଲା ବନ୍ଧୁଗାଁ ବ୍ଲକ କମ୍ବୁଗଣ୍ଡା ପଞ୍ଚାୟତ ସଦରର ୧୩ ବର୍ଷ ବୟସର ଝିଅ ୬ ମାସ ଗର୍ଭବତୀ ହୋଇ ଥିବା ଜାଣିବାକୁ ମିଳିଛି । ସେହିପରି ସମ୍ବଲପୁରରେ ଜରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ବନ୍ଧୁଗାଁର ନାବାଳିକା ପାଠ ପଢୁ ନଥିଲେ । ସେ ଘରେଇ କାମ ସହିତ ବାହାରକୁ ଦାଦନ ଯାଉଥିଲେ । ନାବାଳିକା ଜଣକ ପୂର୍ବରୁ ଜଣେ ୧୭ ବର୍ଷ ନାମକ ନାବାଳକଙ୍କ ସହିତ ବାଲ୍ୟ ବିବାହ କରିଥିଲେ । ନାବାଳିକାଙ୍କ ବିବାହ ବିଷୟ ଉଭୟଙ୍କ ବାପାମାଆ ଜାଣତରେ ହୋଇ ଥିବା ଦାବି କରି ଅଙ୍ଗନୱାଡ଼ିରେ ଗର୍ଭବତୀ ପଞ୍ଜୀକରଣ କରିବାକୁ ଯାଇଥିଲେ । ଏହାକୁ ନେଇ ଅଙ୍ଗନୱାଡ଼ି କର୍ମୀ ଏଏନଏମ ନିକଟରେ ପହଂଚି ଟୀକାକରଣ କରିବା ପାଇଁ ଉଭୟ ପୁଅ ଝିଅଙ୍କୁ ସାକ୍ଷାତ କରାଇ ଥିଲେ । ଝିଅର ବୟସ ୧୩ ବର୍ଷ ହୋଇ ଥିବାରୁ ଅଙ୍ଗନୱାଡ଼ି କର୍ମୀ ଏଏନଏମ ଓ ନିଜ ସୁପର ଭାଇଜରଙ୍କୁ

◆◆ପୃଷ୍ଠା ୭

# ବାଂଲାଦେଶରେ ଗଲା ଚତୁର୍ଥ ହିନ୍ଦୁଙ୍କ ଜୀବନ

ନୂଆଦିଲ୍ଲୀ,୩/୧ : ଦୀପୁ ଚନ୍ଦ୍ର ଦାସ, ଅମୃତ ମଣ୍ଡଳ, ବଜେନ୍ଦ୍ର ବିଶ୍ୱାସ । ଆଉ ଏବେ ଖୋକନ ଚନ୍ଦ୍ର ଦାସ । ବାଂଲାଦେଶରେ ଆଖିବୁଜିଲେ ଆଉ ଜଣେ ହିନ୍ଦୁ । ନିକଟରେ ଖୋକନଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ତାଙ୍କୁ ଛୁରି ଭୁଷିଥିଲେ ଦୁର୍ବୃତ୍ତ । କେବଳ ସେତିକି ନିଆଁ ପେଟ୍ରୋଲ ଢ଼ାଳି ନିଆଁ ମଧ୍ୟ ଲଗାଇଥିଲେ । ଜୀବନ ବଞ୍ଚାଇବାକୁ ଯାଇ ନିକଟରେ ଥିବା ଏକ ପୋଖରୀରୁ ଡେଇଁ ପଡିଥିଲେ ଖୋକନ । ଦୁଇଦିନ ଧରି ଜୀବନ ମରଣ ସହ ସଂଘର୍ଷ କରିବା ପରେ ଚାଲିଯାଇଛି ତାଙ୍କ ଜୀବନ । ସେପଟେ ବାଂଲାଦେଶରେ ଥିବା ହିନ୍ଦୁଙ୍କୁ ଖୋଜି ଖୋଜି ଧମକ ଚମକ ଦେଉଛନ୍ତି ହିନ୍ଦୁ ବିରୋଧୀ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ । ଚୋରି ସନ୍ଦେହରେ ଏକ ଭିକାରୀଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ ଏକ ଭିକାରୀ । ସୁମନ ନାମକ ପୀଡିତାଙ୍କ ଅବସ୍ଥା ଗୁରୁତର ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜଣାପଡୁଛି ଯେ ଶୁକ୍ରବାର ଦିନ ଗାଜିପୁରର ଟୋଙ୍ଗୀରେ ଏକ ଭିକାରୀ ସୁମନଙ୍କୁ ଚୋରି ସନ୍ଦେହରେ ପିଟିଥିଲେ । ତା'ପରେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟି ଚାଲିଥିଲା । ପୁଲିସ ବର୍ତ୍ତମାନ ଏକ ମାମଲା ରୁଜୁ କରିଛି, ଯେତେବେଳେ ପୀଡିତା ସୁମନ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି । ପୁଲିସ ଅନୁଯାୟୀ, ସୁମନ ଜଣେ ଭିକାରୀ ଯାହାର ପୂର୍ବରୁ ଚୋରି ସମେତ କୌଣସି ଅପରାଧିକ ରେକର୍ଡ ନାହିଁ । ସେ କେବଳ ତାଙ୍କର ପ୍ରଥମ ନାମ ସୁମନ ପ୍ରଦାନ କରିଥିଲେ ଏବଂ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ବର୍ତ୍ତମାନ ଅଜଣା ।

# ଆରମ୍ଭ ହେଲା ପବିତ୍ର ମାଘ ମେଳା: ସଙ୍ଗମସ୍ଥଳରେ ସ୍ନାନ କଲେ ୨୧ ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ,୩/୧ : ପୁଣି ଲାଗିଲା ଭକ୍ତିର ଭିଡ଼, ପୁଣି ତ୍ରିବେଣୀରେ ପଡ଼ିଲା ବୁଡ଼... ଆଜିଠୁ ଆରମ୍ଭ ହେଲା ପବିତ୍ର ମାଘ ମେଳା । ସଙ୍ଗମରେ ବୁଡ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ । ପ୍ରୟାଗରାଜ ସଙ୍ଗମର ସ୍ଥଳରେ ଆଗାମୀ ଶିବରାତ୍ରୀ ଯାଏଁ ୪୪ ଦିନ ବ୍ୟାପୀ ମାଘ ମେଳା ଚାଲିବାକୁ ଥିବା ବେଳେ ଏହା ପୌଷ ପୂର୍ଣ୍ଣିମାର ପ୍ରଥମ ସ୍ନାନ ସହିତ ଆରମ୍ଭ ହୋଇଛି । ଦେଶର କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଭକ୍ତ ସଙ୍ଗମ କୂଳରେ ପହଞ୍ଚି ବିଶ୍ୱାସର ବୁଡ଼ ପକାଇଛନ୍ତି । ଏଥିସହିତ ଧର୍ମନଗରୀ ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ଆଜିଠାରୁ ବିଶ୍ୱପ୍ରସିଦ୍ଧ 'ମାଘ ମେଳା ୨୦୨୬' ଆରମ୍ଭ ହୋଇଛି । ଆଉ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ମିଳନ ସ୍ଥଳରେ ଆସ୍ଥାର ବୁଡ଼ ପଡ଼ିଛି । କୁହାଯାଏ ଯେ, ମାଘ ମାସରେ ପ୍ରୟାଗରାଜରେ ସ୍ନାନ ଏବଂ କଳ୍ପବାସ କରିବା ଦ୍ୱାରା ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ହୁଏ ଏବଂ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ପୌଷ ପୂର୍ଣ୍ଣିମା ସହିତ ମାଘ ମେଳାରେ ଏକ ମାସ ଧରି ଚାଲିବାକୁ ଥିବା 'କଳ୍ପବାସ' ମଧ୍ୟ ଆରମ୍ଭ ହୋଇଯାଇଛି । ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳ୍ପବାସୀମାନେ ସଙ୍ଗମ କୂଳରେ ତମ୍ବୁ ଗାଡ଼ି ନିଜର ଆଧ୍ୟାତ୍ମିକ ସାଧନା ଆରମ୍ଭ କରିଛନ୍ତି । କଳ୍ପବାସ ସମୟରେ ଶ୍ରଦ୍ଧାଳୁମାନେ ସାତ୍ତ୍ୱିକ ଜୀବନଯାପନ କରନ୍ତି, ଦିନକୁ ଥରେ ମାତ୍ର ଭୋଜନ କରନ୍ତି ଏବଂ ଅଧିକାଂଶ ସମୟ ଭଗବାନଙ୍କ ନାମ ଜପ ଓ ଭଜନ କୀର୍ତ୍ତନରେ ଅତିବାହିତ କରନ୍ତି ।

# ମୋହନ ସରକାରଙ୍କ ବଡ଼ ଆକ୍ସନ: ପାଣ୍ଡିଆନଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଂଚ



ଭୁବନେଶ୍ୱର, ୩/୧ (ନି.ପ୍ର): ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିବାରେ ଲାଗିଛି । ନିଜ ଦଳରେ ତୀବ୍ର ବିରୋଧର ସମ୍ମୁଖୀନ ହେଉଥିବା ପାଣ୍ଡିଆନଙ୍କ ବିରୁଦ୍ଧରେ ଏବେ ମୋହନ ସରକାର କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ବିଜେଡି ସରକାର ସମୟରେ ପାଣ୍ଡିଆନଙ୍କ କାର୍ଯ୍ୟକଳାପର ଖୋଳତାଡ଼ ଆରମ୍ଭ କରିଛି ରାଜ୍ୟ କ୍ରାଇମବ୍ରାଂଚ । ବିଶେଷକରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାଣ୍ଡିଆନଙ୍କ ପାଇଁ ସରକାରୀ ପାଣ୍ଠିରେ କିଭଳି ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା ତା'ର ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି । ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଅଭିଯୋଗ ଆଧାରରେ ଗୃହ ବିଭାଗର

◆◆ପୃଷ୍ଠା ୭

# ଘନ କୁହୁଡି କାରଣରୁ ଭୁବନେଶ୍ୱର ଏୟାରପୋର୍ଟରେ ଉଡାଣ ପ୍ରଭାବିତ

ଭୁବନେଶ୍ୱର, ୩/୧ (ନି.ପ୍ର): ଶନିବାର ଘନ କୁହୁଡ଼ି ଯୋଗୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଉଡ଼ାଣ ସଞ୍ଚାଳନ ପ୍ରଭାବିତ ହୋଇଛି । ସହରର ଅନେକ ଅଞ୍ଚଳରେ ଦୃଶ୍ୟତା ଶୂନ୍ୟ ସ୍ତରକୁ ଖସିଯାଇଥିବାରୁ ସକାଳ ସମୟରେ ଗୋଟିଏ ମଧ୍ୟ ଉଡ଼ାଣ ହୋଇପାରିନାହିଁ । ସେହିପରି ଅନେକ ଆଗମନ ଉଡ଼ାଣ ବିଳମ୍ବିତ ଏବଂ ଅନ୍ୟ ସହରକୁ ଡାଇଭର୍ଟ କରାଯାଇଛି ।

# ବାୟୁ ପ୍ରଦୂଷଣରେ ଦେଶରେ ତାଳଚେର ସହର ଏକ ନମ୍ବର: ଲାଗୁ ହେଲା କଟକଣା

ଭୁବନେଶ୍ୱର, ୩/୧ (ନି.ପ୍ର): ବାୟୁ ପ୍ରଦୂଷଣରେ ସାରା ଦେଶରେ ତାଳଚେର ସହର ଏକ ନମ୍ବର ହେବା ପରେ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ । ପ୍ରଦୂଷଣ ମୁକାବିଲା ପାଇଁ ତାଳଚେରରେ ଲାଗିଲା ୭ ଦିନିଆ କଟକଣା । ଏଜଇଚ ଷ୍ଟେଜ୍-୨ ଗାଇଡ୍ ଲାଇନ୍ ଅନୁସାରେ କଟକଣା ଲାଗିଛି । ସନ୍ଧ୍ୟା ୬ରୁ ସକାଳ ୧୦ ମଧ୍ୟରେ ବନ୍ଦ ରହିବ ସମସ୍ତ ନିର୍ମାଣ । ଦିନକୁ ୩ ଥର ପାଣି ସିଞ୍ଚନ ପାଇଁ ପୌରପାଳିକା, NHAI ଓ MCLକୁ ପରାମର୍ଶ ଦିଆଯାଇଛି । ତାଳଚେର ସହର ଭିତରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି ଭାରୀ ଯାନ ପ୍ରବେଶ । ଢାବାରେ କୋଇଲା ଜାଳେଣି, ଆବର୍ଜନା ପୋଡ଼ିବା ସମ୍ପୂର୍ଣ୍ଣ ମନା । କୋଇଲା ଓ ପାଉଁଶ ଟ୍ରକ୍ ଉପରେ କଟକଣା ପାଇଁ ଉପଜିଲ୍ଲାପାଳ ଓ RTOକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୭ ଦିନ ପାଇଁ ଗାଇଡଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୋଲିସ, ପୌରପାଳିକା, କାର୍ଯ୍ୟନିର୍ବାହୀ ସଂସ୍ଥା ଓ RTOକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ଅନୁଗୋଳ ଜିଲ୍ଲାପାଳ । ତାଳଚେର ଓ ଅନୁଗୁଳ ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ରହିଛି । ଦେଶର ୬ ସହରର ଏକ୍ୟୁଆଇ ସକାଳ ୯ଟା ସୁଦ୍ଧା ୩୦୦ ପାର କରି ଅତି ଖରାପ ସ୍ତରରେ ପହଞ୍ଚିଥିଲା । ଏହି ୬ ସହର ମଧ୍ୟରେ ଓଡିଶାର ୪ଟି ସହର ରହିଥିଲା । ୩୫୫ ଏକ୍ୟୁଆଇ ସହ ତାଳଚେର ଦେଶର ସବୁଠୁ ପ୍ରଦୂଷିତ ସହର ହୋଇଥିବା ବେଳେ ୩୨୯ ଏକ୍ୟୁଆଇ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ଅନୁଗୁଳ । ସେହିପରି ୩୨୪ ଏକ୍ୟୁଆଇ ସହ ବାରିପଦା ଦେଶର ତୃତୀୟ ପ୍ରଦୂଷିତ ସହର ତାଲିକାରେ ରହିଥିଲା । କଟକରେ AQI ୩୦୪ ଓ ଭୁବନେଶ୍ୱରର ଇଛଓ ରହିଥିଲା ୩୦୨ ।

# ମେଧାଙ୍କ ଅସନ୍ତୋଷ ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ: ବାହାରିବ ୧୪ ଓଏଏସ୍, ୧୧୩ ଓଆରଏସ୍ ପଦବୀ



ଭୁବନେଶ୍ୱର, ୩/୧ (ନି.ପ୍ର): ଓସିଏସ୍ ବିଜ୍ଞପ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ । ବାହାରିବ ଓଏଏସ୍, ଓଆରଏସ୍ ପଦବୀ । ପୂର୍ବ ବିଜ୍ଞପ୍ତିରେ ପଦବୀ ନଥିବା ଖବର ପ୍ରସାରଣ ହୋଇଥିଲା । କନକ ନ୍ୟୁଜରେ ଖବର ପ୍ରସାରଣ ପରେ ହସ୍ତକ୍ଷେପ କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୫୧ଟି ଅଧିକ ପଦବୀ ପୂରଣ ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜ୍ଞପ୍ତୀରେ ପଦବୀ ନଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଏବଂ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି । ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ, ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଥିବ ସେସବୁ ପୂରଣ କରିବା ପାଇଁ ଆୟୋଗ ଗୁଡିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପୂରଣ ହେବ ଓଏଏସ୍‌ରେ ୧୪, ଓଡିଶା ରାଜସ୍ୱ ସେବା-ଓଆରଏସ୍‌ରେ ୧୧୩ ପଦ । ଓଡିଶା ପରିବହନ ସେବା-ଓଟିଏସ୍‌ରେ ୧୬ଟି ପଦ ପୂରଣ ହେବ । ଓଡିଶା ମଙ୍ଗଳ ସେବା-ଓଡବ୍ଲୁଏସ୍‌ରେ ୮ଟି ପଦବୀ ପୂରଣ ହେବ । ପୂର୍ବରୁ ଓପିଏସ୍ ବିଜ୍ଞପ୍ତିରେ ଏହି ସବୁ ପଦବୀ ପାଇଁ ଉଲ୍ଲେଖ ନଥିଲା । ଆଶାୟୀ ପ୍ରାର୍ଥୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ।

◆◆ପୃଷ୍ଠା ୭

# କେନ୍ଦୁପତ୍ର ଦର ବୃଦ୍ଧି ଓ ଲଘୁ ବନଜାତ ଦ୍ରବ୍ୟର ଏମଏସପି ଘୋଷଣା ଦାବି

ସମ୍ବଲପୁର,୦୩/୧ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଜମନକିରା ନିକଟସ୍ଥ ସୁଦ ବଲଣ୍ଡା ସ୍ଥିତ କଲୋନୀ ପଡାରେ ବି.ଡବ୍ଲୁ.ଆଇ ର ସହାୟତା ରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମହିଳା ନେତୃତ୍ୱ ତାଲିମ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତାକରି ମହିଳା ମାନେ ସାହସୀ ଓ ନିର୍ଭିକ ହେବା, ନିଜ ଅଧିକାର ପ୍ରତି ସଚେତନ ହେବା, ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିବା ଏବଂ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ସାମାଜିକ କର୍ମୀ କିଶୋର ଦେହୁରୀ, ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜ୍ଜା ଓ ରାଜ୍ୟ ସମ୍ପାଦିକା ପଦ୍ମାବତୀ କିସାନ ସଂଘ ର ହାସଲ କରିଥିବା ଦାବୀ ଗୁଡିକ ସମ୍ପର୍କରେ ଏବଂ ଅପୂରଣୀୟ ଦାବୀ ଯଥାକ୍ରମେ କେନ୍ଦୁପତ୍ର ଦରବୃଦ୍ଧି, ସିଜନାଲ କର୍ମଚାରୀ ମାନଙ୍କ ସର୍ବନିମ୍ନ ମଜୁରୀ ଅନୁପାତରେ ମାସିକ ଦରମା ବୃଦ୍ଧି, ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ଦରବୃଦ୍ଧି, କନ୍ୟାବିବାହ ସହାୟତା ଦେବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ ଏସ ପି) ଘୋଷଣା କରି କାର୍ଯ୍ୟକାରୀ ପ୍ରଭୃତି ଦାବୀ ଜାନୁଆରୀ ସୁଦ୍ଧା ପୂରଣ ନହେଲେ ବଡ ଧରଣର ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଥିଲା ।

ଏହି ସମାବେଶ ରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଭୁବନେଶ୍ୱର ଦ୍ୱିବେଦୀ, ସାମାଜିକ କର୍ମୀ ସନ୍ତୋଷ କୁମାର ପଟେଲ, ଲକ୍ଷ୍ମଣ ସାହୁ, ନୃପମନି ଧରୁଆ, ହେମନ୍ତ ବଗର୍ତି, ଅକ୍ଷୟ ମହାକୁଡ, ଫୁଲମାନି ମୁଣ୍ଡା, କେଶରୀ ବାଗ, ଝିଲ୍ଲୀ ମାଝୀ, ସୌଦାମିନି ଦେହୁରୀ, ମମତା ପଟେଲ, ଶକୁନ୍ତଳା ଦେହୁରୀ, ମଞ୍ଜୁ ଦାସ, ମିଡ଼ିଆ ସେଲ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ଉତ୍କଳ ସମ୍ମିଳନୀର ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୦୩/୧ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଉତ୍କଳ ସମ୍ମିଳନୀର ୧୨୨ ତମ ପ୍ରତିଷ୍ଠା ଦିବସ ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ପୂର୍ବ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ ମୁଖ୍ୟ ବକ୍ତା ହରିହର କରସୁଧା ପଟ୍ଟନାୟକ ଏବଂ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ବାଲା ରାୟ ମଂଚାସୀନ ଥିଲେ । ସଭାରେ ଅବିଭକ୍ତ କୋରାପୁଟର ସମସ୍ୟା ଉପରେ କେନ୍ଦ୍ର କାର୍ଯ୍ୟକର୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କୋଟିଆ ପୋଲାଭରମ ତଥା ଗୁଣପୁର ସମସ୍ୟା ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ନେଇ ସଫେଇ ଓ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୦୩/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ଓ ଆଇନ ସଚେତନତା ପାଇଁ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲ୍ଲା ଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହମୁକ୍ତ ଭାରତ ଏବଂ ନିଶାମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆଜି ଖଡିଆଳ ସ୍ଥିତ ଯୋଗୀମଠ ଏବଂ ରିଷିପିଠ ପର୍ଯ୍ୟଟନସ୍ଥଳିରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର ଉଦଘୋଷଣାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ବିଭାଗ, ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ, ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନାକୁ ଏକାଠି କରି ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହାୟକ ହେବା ସହିତ ଭାରତକୁ ବାଲ୍ୟବିବାହ ଓ ନିଶାମୁକ୍ତ କରିବାକୁ ପ୍ରାଧିକରଣ ସଚିବ ନବନୀତା ଦାଶ ଆହ୍ୱାନ ଦେଇଥିଲେ। ସଭାରେ ଖଡ଼ିଆଳ ତାଲୁକ ଆଇନ ସେବା କମିଟି ବରିଷ୍ଠ ଦେୱାନୀ ବିଚାରପତି ଇଶା ପତି, ଖଡିଆଳ ଡିଏଫଓ ଅଜିଜ ଖାନ, ଖଡ଼ିଆଳ ଏନ୍.ଏ.ସି ଅଧ୍ୟକ୍ଷ ସ୍ୱାଧୀନ କେତନ ମହାରଣା, ପିଇଓ କମଳିନୀ ବାଗ, ଖଡ଼ିଆଳ ଓକିଲ ସଂଘ ସଭାପତି ପ୍ରତାପ କିଶୋର ଜଗତ, ସଚିବ ସଂକର୍ଷଣ ପଣ୍ଡା, ୟାର୍ ସଂଗଠନର ପ୍ରତିଷ୍ଠାତା ମହେନ୍ଦ୍ର ଯୋଶୀ, ମିରର୍ ସଂଗଠନର ପ୍ରତିଷ୍ଠାତା କାର୍ତ୍ତିକ ବାଗ, ମହିଳା ଡିଗ୍ରୀ କଲେଜ ଅଧ୍ୟାପକ ତଥା ପ୍ରାଧିକରଣର ଅଧିକାର ମିତ୍ର ଘନଶ୍ୟାମ ଶଗରିଆ, ପବିତ୍ର ଡୋଙ୍ଗରାଜ, ପ୍ରତିଭା ପାଣିଗ୍ରାହୀ, ତପସ୍ୱିନୀ ରଣା, ସୁଷମା ଗହିର, ରାଜେଶ ପୋଦ୍ଦ, କ୍ଷୀରସିନ୍ଧୁ ତାଣ୍ଡି, ବୋଧିସତ୍ୱ ବାଗ, ଇନ୍ଦୁମତି ସାଗର, ଦ୍ରୌପଦୀ ସଗରିଆ, ନିରଞ୍ଜନ ନାଗଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ଅନ୍ୟାନ୍ୟ ଓକିଲଗଣ ଓ ପ୍ରାଧିକରଣର ଅଧିକାରମିତ୍ରଗଣ ଯୋଗ ଦେଇଥିଲେ । ପ୍ରାୟ ୩୫୦ କିଲୋ ପ୍ଲାଷ୍ଟିକ୍ ଆବର୍ଜନା ଉକ୍ତ ପର୍ଯ୍ୟଟନସ୍ଥଳୀରୁ ଉଠା ହୋଇଥିଲା ।

## ଯୁବ କୁଲୁତା ସମାଜର ପରିବେଶ ସୁରକ୍ଷା

ବଲାଙ୍ଗିର,୦୩/୧ (ନି.ପ୍ର): ନୂତନ ବର୍ଷ ଅବସରରେ ସମସ୍ତେ ନିଜ ପରିବାର, ସାଙ୍ଗ ସାଥୀଙ୍କ ଗହଣରେ ଆନନ୍ଦ ଉଲ୍ଲାସରେ ମସଗୁଲ ରହିଥାନ୍ତି । ଠିକ୍ ଏତିକି ବେଳେ କିଛି ଯୁବକ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଲୋଇସିଂହା ବ୍ଲକ ଉଛବପାଲି ଗ୍ରାମ ୟୁ.ପି. ସ୍କୁଲ ଓ ଗ୍ରାମ ବନ୍ଧଆଡିରେ ୩୦ଟି ଗଛ ଲଗାଯାଇଛି । ଏହି ଅବସରରେ ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ କୈଳାସ ବରିହା ଯୋଗ ଦେଇଥିଲେ ।

# ନୂତନ ବର୍ଷ ପାଳନ ଉପଲକ୍ଷେ ଇନ୍ଦିରା ଗାନ୍ଧି ପାର୍କରେ ବିପୁଳ ସଂଖ୍ୟକ ପରିଦର୍ଶକଙ୍କ ସମାଗମ



ରାଉରକେଲା,୦୨/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇନ୍ଦିରା ଗାନ୍ଧୀ ପାର୍କ (ଆଇଜି ପାର୍କ)ରେ ନୂତନ ବର୍ଷ ଅବସରରେ ବିପୁଳ ସଂଖ୍ୟକ ପରିଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା। ୨୦୨୬ ଜାନୁଆରୀ ୧ ତାରିଖ ଦିନ ବହୁ ସଂଖ୍ୟକ ମହିଳା ଏବଂ ଶିଶୁଙ୍କ ସମେତ ପ୍ରାୟ ୧୦୦୦୦ ପର୍ଯ୍ୟଟକ ଏହି ପାର୍କ ପରିଦର୍ଶନ କରିଥିଲେ। ଉକ୍ତ ଦିନ ସଂଗୃହିତ ମୋଟ ଆୟ ପ୍ରାୟ ୪୯୪୭୦୦ ଟଙ୍କା ଥିଲା। ପାର୍କର ଯତ୍ନ ନେଉଥିବା ଆରଏସପିର ସହର ଇଞ୍ଜିନିୟରିଂ-ଉଦ୍ୟାନକୃଷି ବିଭାଗ ପିଲାଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଏବଂ ପରିବେଶର ମହତ୍ତ୍ୱ ବିଷୟରେ ଶିକ୍ଷା ଦେବା ବ୍ୟତୀତ ଜୈବ ବିବିଧତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବାକୁ ସମସ୍ତ ପ୍ରୟାସ କରୁଛି। ଅନ୍ତେବାସୀଙ୍କ ପ୍ରତ୍ୟେକ ଗୃହରେ ପଶୁ / ପକ୍ଷୀର ବିଭିନ୍ନ ବାସିନ୍ଦା ପ୍ରଜାତିର ଜୈବିକ ସୂଚନା ଏବଂ ସେମାନଙ୍କର ମହତ୍ତ୍ୱ ପ୍ରଦର୍ଶିତ ହେଉଛି । ଇସ୍ପାତ ସହରର ସୁଖଦ ଶୀତକାଳୀନ ପାଗ, ସବୁଜ ପରିବେଶ ଏବଂ ଉତ୍ତମ ରକ୍ଷଣାବେକ୍ଷଣରେ ଖୁଆଡ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ପଶୁ ଏବଂ ପକ୍ଷୀଙ୍କ ମନମୋହକ ଦୃଶ୍ୟ ପରିଦର୍ଶକଙ୍କ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା ଏବଂ ପାର୍କକୁ ବହୁ ସଂଖ୍ୟକ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା।

ସୂଚନାଯୋଗ୍ୟ ଯେ, ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ପ୍ରାଣୀ ଉଦ୍ୟାନ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ୨୨୪ ପ୍ରାଣୀ ଏବଂ ପକ୍ଷୀ ବାସ କରନ୍ତି। ସଫଳ ପ୍ରଜନନ କାର୍ଯ୍ୟକ୍ରମ ପାଇଁ ଜଣାଶୁଣା ଏହି ପ୍ରାଣୀ ଉଦ୍ୟାନ ଏହାର ଜୈବ ବିବିଧତାକୁ ସମୃଦ୍ଧ କରିବା ଏବଂ ପରିଦର୍ଶକମାନଙ୍କ ପାଇଁ ନୂତନ ଆକର୍ଷଣ ଯୋଗାଇବା ପାଇଁ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାଏ । ନୂତନ ବର୍ଷରେ ଇସ୍ପାତ ନେହେରୁ ପାର୍କରେ ମଧ୍ୟ ବିପୁଳ ଜନସମାଗମ ହୋଇଥିଲା।

# କୋରାପୁଟ ଜିଲ୍ଲାରେ ଶୁଭୁନି ହଳିଆ ଗୀତ, ପଡୁନି ଧାନ ବେଙ୍ଗଳା : ଏବେ ମେସିନ କରୁଛି ଧାନ ଅମଳ

ଜୟପୁର,୦୩/୧ (ନି.ପ୍ର): କୃଷି ପ୍ରଧାନ କୋରାପୁଟ ଜିଲ୍ଲାରେ ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକମାନେ ସମୟ ଦେଉଥିଲେ । ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଠାରୁ ଆରମ୍ଭ କରି ରୁଆ, ବୁଣା, ଧାନ ବଛା, ଶେଷରେ ଧାନ କଟା ଓ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ମାନେ ନିୟୋଜିତ ରହୁଥିଲେ । କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ । ଜମିରେ ହଳ, ବଳଦ ଠାରୁ ଆରମ୍ଭ କରି ଜମି ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ । ଏଥିପାଇଁ ରାଜ୍ୟରେ ବଳଦ ବହୁଳ ବ୍ୟବହାର ହେଉଥିଲା । ଏବେ କିନ୍ତୁ ସମୟ ବଦଳିଛି । ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶିଳ ହେଲେଣି ଚାଷୀ । ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି । ଚାଷ ଜମିରେ ମଧ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି । ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି । ଗୋରୁ ମାନଙ୍କୁ ନେଇ ଧାନ ମଳା ଯାଉନି । ମେସିନରେ ଧାନ ଅମଳ ହେଉଛି । ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା । ତାହା ବର୍ଷ ସାରା ଗାଇଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା । ହେଲେ ଏବେ ପାଳ ମଧ ଅଧିକ ଦେଖିବାକୁ ମିଳୁନି । କାଁ ଭାଁ କିଛି ଚାଷୀ ଗୋରୁ ମାନଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବା ବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି । କୋରାପୁଟ ଜିଲାର ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ବୈପାରିଗୁଡା, କୋଟପାଡ଼ ବ୍ଲକରେ ଗାଁ ଗାଁରେ ରାତିରେ ଧାନ ଅମଳ ବେଳେ କୃଷି ଶ୍ରମିକ ମାନେ ଗୋରୁ ମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳିଆ ଗୀତ ଗାଉଥିଲେ । ତେବେ ଖର୍ଚ୍ଚ କମିବା ସହ କମ୍ ସମୟରେ ଧାନ ଅମଳ ହୋଇ ପାରୁଥିବାରୁ ଏବେ ମେସିନ ସହାୟତାରେ ହିଁ ଧାନ ଅମଳ କରାଯାଉଛି । ପୂର୍ବରୁ ଅମଳ ପରେ ଏହାକୁ ସଂରକ୍ଷଣ କରିବାକୁ ସେଥିରୁ ବାହାରୁଥିବା ପାଳକୁ ବଳି ଦଉଡି ପ୍ରସ୍ତୁତ କରି ପୁଡୁଗ କରୁଥିଲେ ଚାଷୀ । କିନ୍ତୁ, ଆଜିର ଯାନ୍ତ୍ରିକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ଜମିରୁ ହିଁ ଅଖାରେ ଭର୍ତି କରି ମଣ୍ଡି ପରେ ମିଲ କୁ ପଠାଇଦିଆଯାଉଛି । ଷ୍ଟିମ ଦେଇ ଧାନରୁ ଚାଉଳ ବାହାର କରାଯାଇ ତାକୁ ବଜାରକୁ ଛାଡି ଦିଆଯାଉଛି । ଏସବୁ ଚାଉଳ ଖାଇ ଲୋକେ ପ୍ରାକୃତିକ ପୃଷ୍ଟିରୁ ବଂଚିତ ହେବା ସହ ଶରୀରରେ ରୋଗ ନିରୋଧ ଶକ୍ତି ହ୍ରାସ ପାଉଥିବା କହିଛନ୍ତି କିଛି ଚାଷୀ । ବାସ୍ତବରେ ଏବେ ଆଧୁନିକତା ଦ୍ୱାହି ଦେଇ ପୁରୁଣା ପରମ୍ପରାକୁ ଭୁଲି ଗଲେଣି ଅନେକ ଚାଷୀ । ସେପଟେ କୃଷି ଶ୍ରମିକ ମାନେ କାମ ଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି ବୋଲି ଚାଷି ମାନେ ଅଭିଯୋଗ କରିଛନ୍ତି । ତେଣୁ ସରକାର ଚାଷ ଓ ଚାଷିକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍

ସମ୍ବଲପୁର,୦୩/୧ (ନି.ପ୍ର): ଭାରତର ଅନ୍ୟତମ ପ୍ରିମିୟର ମ୍ୟାନେଜମେଂଟ୍ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶା ସହଯୋଗରେ 'ବିକଶିତ ଭାରତ ପାଇଁ ଓଡ଼ିଶାରେ ଯୁବବର୍ଗଙ୍କ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ଆୟୋଜନ କରାଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏକ ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ବିକଶିତ ଭାରତ ୨୦୪୭ ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ପ୍ରତି ଯୋଗଦାନ ପ୍ରଦାନ କରିବାରେ ଯୁବ ଲିଡର୍ ଓ ଅଂଶୀଦାରଙ୍କୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନାକୁ ସୁଦୃଢ଼ କରିବା।

ଏହି ରାଉଣ୍ଡ୍ ଟେବୁଲ୍ କାର୍ଯ୍ୟକ୍ରମରେ ମାଇଁ ଭାରତ ସମ୍ବଲପୁରର ଯୁବ ପ୍ରତିନିଧି ଓ ଆଦିବାସୀ ଯୁବ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦ ପ୍ରତିନିଧି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ସମନ୍ୱିତ ଯୁବ ନେତୃତ୍ୱ, ନବସୃଜନ, ପ୍ରଶାସନ, ଅନ୍ତର୍ଭୁକ୍ତୀକରଣ ବିକାଶ ଓ ଆଂଚଳିକ ସ୍ୱତନ୍ତ୍ର ଅଭିବୃଦ୍ଧି ରଣନୀତି ବିଷୟ ଉପରେ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରିଥିଲା। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶାର ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ, ଏନୱାଇକେଏସ୍ ଶ୍ରୀ ସତ୍ୟ ପ୍ରକାଶ ପଟ୍ଟନାୟକ, ନିହାର ରଞ୍ଜନ ଦାଶ, ଓଡିଶା ସରକାରଙ୍କ ବିଶେଷ ସଚିବ ଏବଂ ଅଭା ମିଶ୍ରା, ରାଜ୍ୟ ପ୍ରମୁଖ, ୟୁଏନ୍‌ଡିପି ଓଡିଶା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଗଠନରେ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବାରେ ଯୁବବର୍ଗଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଲିଡର, ଶିକ୍ଷ ବିଶେଷଜ୍ଞ ଓ ନୀତି ନିର୍ମାତାମାନେ ବିକଶିତ ଭାରତ ୨୦୪୭ ସମ୍ପର୍କିତ ୧୦ଟି ବିଷୟ ଉପରେ ପ୍ରମୁଖ ଆହ୍ୱାନ, ଉଦୀୟମାନ ସୁଯୋଗ ଓ ଅଭିନବ ସମାଧାନ ଉପରେ ଆଲୋଚନା କରିଥିଲେ। ଆଲୋଚନାରେ ଓଡ଼ିଶାର ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ବିଷୟ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ନିରନ୍ତର ବିକାଶ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଯେତେବେଳେ ଶିକ୍ଷା ଜରିଆରେ ଏଆଇର ସମ୍ଭାବନାକୁ ବୁଝିବା ଓ ପ୍ରୟୋଗ କରିବା ବିଷୟରେ ଯୁବବର୍ଗ ସଶକ୍ତ ହୋଇଥାନ୍ତି ସେତେବେଳେ ପ୍ରଭାବଶାଳୀ ସମାଧାନ ସୃଷ୍ଟି ହେବାର ସମ୍ଭାବନା ଅପାର ହୋଇଥାଏ।

# 'ପ୍ରତିଭାଶ୍ରୀ'ର 'ନିର୍ମାଣ ଦିବସ' ପାଳନ ଓ ରୌପ୍ୟଜୟନ୍ତୀ ବର୍ଷ ପାଳନ ନିଷ୍ପତ୍ତି



ବାଲେଶ୍ୱର,୦୩/୧ (ନି.ପ୍ର): ସୁସ୍ଥ ମାନସିକତା ନିର୍ମାଣର ନିରବ ଆନ୍ଦୋଳନ ଓ ସମାଜସେବା ପାଇଁ ଅର୍ଥ ନୁହଁ ସ୍ୱଚ୍ଛ ମନ ଓ ହୃଦୟ ସ୍ଲୋଗାନ ନେଇ ୨୭ବର୍ଷ ଧରି ପ୍ରୟାସ କରୁଥିବା 'ପ୍ରତିଭାଶ୍ରୀ' ପରିବାର ତା'ର ଜନ୍ମଦିନକୁ ନୂତନ ବର୍ଷରେ 'ନିର୍ମାଣ ଦିବସ' ଭାବେ ପାଳନ କରିଅଛି । 'ଶ୍ରୀ ଶିକ୍ଷା କକ୍ଷ'ରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଠାରେ ଉପସ୍ଥିତ ସଦସ୍ୟମାନେ 'ନିର୍ମାଣ ପ୍ରଦୀପ' ପ୍ରଜ୍ୱଳନ କରି ନିଜକୁ ସୁନ୍ଦର ମନର ମଣିଷ ଭାବେ ତିଆରି କରିବାର ଶପଥ ଗ୍ରହଣ କରିଥିଲେ। 'ପ୍ରତିଭାଶ୍ରୀ'ର ମୁଖ୍ୟ କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଥମେ ସଦସ୍ୟମାନେ ପ୍ରତିଭାଶ୍ରୀ ସଂଗୀତ ପରିବେଷଣ କରିବା ପରେ 'ଶ୍ରୀ'ର ମୁଖ୍ୟ ଅନୁପ ଦାସ ସ୍ୱାଗତ କଥା ରଖିଥିଲେ ଓ ଆବାହକ ଅଜୟ ଗୁହା 'ନିର୍ମାଣ ଦିବସ' ପାଳନ ସଂପର୍କରେ ନିଜ କଥା ରଖିଥିଲେ। 'ପ୍ରତିଭାଶ୍ରୀ' ମୁଖ୍ୟ କବି ଶ୍ରୀ ଦାସ ଉପସ୍ଥିତ ସଦସ୍ୟମାନଙ୍କୁ ନିଜ ବକ୍ତବ୍ୟରେ କହିଲେ ଯେ 'ନିଜ ଅନ୍ତକରଣର ପରିଷ୍କରଣ ହିଁ ନିଜସ୍ୱ ନିର୍ମାଣ। ତେଣୁ ସଦସ୍ୟମାନେ ସମାଜରେ ସୁନ୍ଦର ମଣିଷର ପରିଚୟ ସୃଷ୍ଟି କରିବା ପାଇଁ ସୁନ୍ଦର ମନ ତିଆରି କରିବାକୁ ଚେଷ୍ଟା କରିବା ଆବଶ୍ୟକ।'

'ପ୍ରତିଭାଶ୍ରୀ'ର ଉପମୁଖ୍ୟ ମୂରଲୀଧର ନାୟକ, ସେବାମୁଖ୍ୟ ଓ ଶାନ୍ତନୁ ଦାସ ଏବଂ ନିର୍ମାଣ ଶାଖା ମୁଖ୍ୟ ପର୍ଶୁରାମ ପ୍ରଧାନ ନିଜ ନିଜର ବକ୍ତବ୍ୟରେ 'ପ୍ରତିଭାଶ୍ରୀ'ର ଆଦର୍ଶ ଓ ବିଚାରକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାପାଇଁ ସଦସ୍ୟମାନଙ୍କୁ କହିଥିଲେ। ପୁରୁଷ ଶାଖାର ସଦସ୍ୟ ବିପ୍ଳବ ଦାସ ମହାପାତ୍ର, ସନ୍ତୋଷ ଦଳେଇ, ନୀଳମଣି ମଣ୍ଡଳ ଓ ମହିଳା ଶାଖାର ସଦସ୍ୟା ପ୍ରେୟସୀ ମହାପାତ୍ର, ସରସ୍ୱତୀ ଭୋଇ, ନନ୍ଦିତା ନାୟକ, ରଂଜନା ଘୋଷ, ପ୍ରତିମା ତ୍ରିପାଠୀ ପ୍ରମୁଖ ନିଜ ନିଜର ଅନୁଭବର କଥା ଉପସ୍ଥାପନ କରିଥିଲେ। 'ପ୍ରତିଭାଶ୍ରୀ'ର ଯୁବଶଖା ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଯୁବଶାଖାର ସଦସ୍ୟ, ଅମରଜିତ ଦାସ, ପାର୍ଥସାରଥୀ ସାହୁ, ଶୁଭ୍ରାଂଶୁ ପଣ୍ଡା, ରୋଜାଲିନ୍ ଶତପଥୀ, ରଶ୍ମିତା ଆଚାର୍ଯ୍ୟ ଓ ଜୀବନଜ୍ୟୋତି ସ୍ୱାଇଁ ପ୍ରମୁଖ ନିଜ ମତ ପ୍ରକାଶ କରିଥିଲେ।

ଚଳିତବର୍ଷ 'ପ୍ରତିଭାଶ୍ରୀ' ଶାନ୍ତି, ସଂହତି, ଶିକ୍ଷା ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷସାରା ରୌପ୍ୟଜୟନ୍ତୀ ପାଳନ କରିବ ବୋଲି ଘୋଷଣା କରାଯାଇଥିଲା। ଶେଷରେ ସୁକୁମାର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଚିଣ୍ଡା କଲେଜ ଅଧ୍ୟାପିକା ବେଲମତୀ କୁମୁରା ସମ୍ମାନିତ

ସମ୍ବଲପୁର,୦୩/୧ (ନି.ପ୍ର): ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ କୁଚିଣ୍ଡା କଲେଜର ଶିକ୍ଷା ବିଭାଗ ଅଧ୍ୟାପିକା ବେଲମତି କୁମୁରା ୱାର୍ଲ୍ଡ଼ ଚ୍ୟାରିଟି ୱେଲ ଫାୟାର ଫାଉଣ୍ଡେସନ ତରଫରୁ 'ଓଡ଼ିଆ ଗୌରବ ସମ୍ମାନ- ୨୦୨୫' ରେ ସମ୍ମାନିତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ କଲେଜର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଏନଏସଏସ ଜରିଆରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ରକ୍ତଦାନ, ନାରୀ ସୁରକ୍ଷା, ବୃକ୍ଷ ରୋପଣ, ଟ୍ରାଫିକ ସମସ୍ୟା ପ୍ରତିକାର, ଦୁର୍ନୀତି ଓ ନିଶା ନିବାରଣ ଉପରେ ଅନେକ କାର୍ଯ୍ୟକ୍ରମ ରେ ଜନସଚେତନତା ସୃଷ୍ଟି, ଶ୍ରେଣୀ କୋଠରୀରେ ସରଳ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତି, ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଉଦ୍ୟମରତ ଅଧ୍ୟାପିକା କୁମୁରା ଜଣେ ଛାତ୍ରବତ୍ସଳା ଅଧ୍ୟାପିକା ଭାବରେ କୁଚିଣ୍ଡା ଅଂଚଳରେ ସୁପରିଚିତ। ଗତ ୨୦୨୪ ଗଣତନ୍ତ୍ର ଦିବସ ପ୍ୟାରେଡ଼ ଶିବିରରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ।

# ପୁଷପୁନି ଛୁଟି ଲାଗି ଦାବିପତ୍ର ଦେଲା କେ.ଏମ୍.ଏମ୍.

ବଲାଙ୍ଗୀର,୦୩/୧ (ନି.ପ୍ର): କୋଶଲାଂଚଳରେ ଦୁଇ କୋଟି ଜନସାଧାରଣ ବସବାସ କରୁଥିବାବେଳେ ଏଠାକାର ଅଧିକାଂଶ ଜନସାଧାରଣ କୃଷି ଉପରେ ନିର୍ଭର କରିଥାନ୍ତି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଠି ଅନୁକୂଳ କରିଥାନ୍ତି। ଚାଷୀ ମାନେ ଧାନ ଖାଦ୍ୟ ଶସ୍ୟ ସହିତ ଡାଲି ଜାତୀୟ, ଅର୍ଥକାରୀ ଫସଲ ଏବଂ ବିଭିନ୍ନ ପନିପରିବା ଚାଷ କରିଥାନ୍ତି। ଚାଷ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଷ ନୀତି -ନିୟମ ମୁତାବକ ଆରମ୍ଭ କରି ଅକ୍ଟୋବର ମାସରୁ ନଭେମ୍ବର ମାସର ଶେଷ ସୁଦ୍ଧା ବିଭିନ୍ନ ପ୍ରକାର ଫସଲ ଅମଳ କରିଥାନ୍ତି। ଉତ୍ପାଦନ ଚାଷ ଅମଳ ସହ ବିକ୍ରିବଟା କରି ଧାର କରଜ ସୁଝିଥାନ୍ତି ଓ ଚାଷ କାର୍ଯ୍ୟରେ ସହଯୋଗ କରିଥିବା ବା ଶ୍ରମିକ ଭାବେ କାମ କରିଥିବା ମଜୁରିଆ(ହଳିଆ, କୁଠିଆ )ମାନଙ୍କୁ ମଧ୍ୟ ଚାଷ ଅମଳ ଶେଷ ସମୟରେ ସେମାନଙ୍କର ପାରିଶ୍ରମିକ ସହିତ ପ୍ରୋତ୍ସାହନ ବାବଦକୁ ପଇସା ପତ୍ର ଓ ଧାନ ମଧ୍ୟ ଦେଇଥାନ୍ତି। ଚାଷୀମାନେ ଚାଷ କାର୍ଯ୍ୟକରି ପୌଷପୂର୍ଣ୍ଣମୀ ଦିନକୁ ଚାଷର ଶେଷ ଦିନ ଭାବି ଗୌନ୍ତିଆ,ପ୍ରଜା, ହଳିଆ, ମୁଲିଆ, ଶ୍ରମିକ ମାନେ ମିଶି ମୌଜ ମଜଲିସ ଉସତ ଆନନ୍ଦ ସହ ଭୋଜି ଭାତର ଆସର କରିଥାନ୍ତି, ଏହି ଦିନରେ ପ୍ରତ୍ୟେକ ଘରେ ପିଠା ପଣା, ମଣ୍ଡା ତିଆରି କରି ଖୁସି ଆନନ୍ଦ ମନେଇ ଥାନ୍ତି। ପଶ୍ଚିମ ଓଡ଼ିଶାର ଏଭଳି ଏକଅନ୍ୟତମ କୃଷିଭିତିକ ପର୍ବ ପୌଷ ପୂର୍ଣ୍ଣମାକୁ ରାଜ୍ୟ ସରକାର କୋଶଲାଂଚଳର ଦୁଇ କୋଟି ଜନସାଧାରଣଙ୍କ ପ୍ରତି ଅନ୍ୟାୟ କରି, କୋଶଲାଂଚଳର ଦୁଇ କୋଟି ଚାଷୀ ମାନଙ୍କ ପ୍ରତି ଅନ୍ୟାୟ କରି ଏହି ଦିନକୁ ସରକାରୀ କେଲେଣ୍ଡରରେ ଛୁଟି ଘୋଷଣା ନକରିବା ସମସ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ରାଜ୍ୟ ସରକାର ସବୁବେଳେ ପଶ୍ଚିମ ଓଡ଼ିଶା ପର୍ବ, ପର୍ବାଣି, ଜାନି ଯାତ୍ରା, ସଂସ୍କୃତି ପରମ୍ପରା, ଐତିହ୍ୟ ଉପରେ କୁଠାରଘାତ କରି ଆସୁଅଛି ବୋଲି ଅଂଚଳବାସୀ ନିନ୍ଦା କରୁଛନ୍ତି। ସବୁବେଳେ ପଶ୍ଚିମ ଓଡିଶା ପ୍ରତି କାହିଁକି ଏହି ଅବହେଳା, ପାତର ଅନ୍ତର ବୋଲି କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା ପ୍ରଶ୍ନ କରିଛି। ପୌଷ ପୂର୍ଣ୍ଣମାକୁ ସରକାରୀ ଛୁଟି ଘୋଷଣା ସହ ଆସନ୍ତା ବର୍ଷକୁ ସରକାରୀ କେଲେଣ୍ଡରରେ ଛୁଟି ତାଲିକାରେ ସ୍ଥାନ ଦେବାକୁ ଆଜି ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ଦେବା ସମୟରେ କୋଶଲ ରାଏଜ ମୁକ୍ତି ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇ, ସମ୍ପାଦକ ଜଗନ ମେହେର, ପ୍ରକ୍ତା ଜନସନ ନାଗ, ଯୁଗଳ ମେହେର, ମଦନ ମାଝୀ, କ୍ଷୀରୋଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶବ୍ଦ ନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଉଦ୍‌ଘାଟିତ

ବଲାଙ୍ଗୀର,୦୩/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସାଲେଭଟା ନିକଟସ୍ଥ ଐତିହାସିକ ଗାଁ କୁଟାସିଂହା ଠାରେ ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଉଦଘାଟିତ ହୋଇଯାଇଛି, ସ୍ୱାଗତ ଭାଷଣ ଦେଇଥିଲେ ଆନନ୍ଦ ଚନ୍ଦ୍ର ପଣାୟତ,ସୁରେଶ ଚନ୍ଦ୍ର ଦାସ ଦ୍ୱୀପ ପ୍ରଜ୍ୱଳନ ଏବଂ ମନ୍ତ୍ର ପାଠ କରିଥିଲେ, ଆବାହକ ସରୋଜ କୁମାର ଦାସଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଏବଂ ସଭାପତିତ୍ୱରେ ମୁଖ୍ୟ ଅତିଥି ସରପଂଚ ଡିଗ୍ରୀ ମେହେର, ମୁଖ୍ୟ ବକ୍ତା ସମିତି ସଭ୍ୟ ପ୍ରକାଶ ବେହେରା, ସମ୍ମାନୀତ ଅତିଥି ନିମାଇଁ ଚରଣ ଦାସ, ତପସ୍ୱିନୀ ଦାସ ପ୍ରମୁଖ ଯୋଗଦାନ କରି ଐତିହାସିକ ଗାଁ କୁଟାସିଂହା ମାଟିର ମହାପୁରୁଷ ଗୁରୁ ଭଜମନ ଦାସଙ୍କ ପାଇଁ ପଶ୍ଚିମ ଓଡିଶାର ସାଂସ୍କୃତିକ ସମ୍ପତି ଶାସ୍ତ୍ରୀୟ ଶବ୍ଦନୃତ୍ୟର ପ୍ରଚାର ହେଇଛି ଏବଂ କୁଟାସିଂହା ଗାଁ ସ୍ୱତନ୍ତ୍ର ପରିଚୟ ଲାଭ କରିଛି, ଗୁରୁ ଭଜମନ ଦାସଙ୍କ ସ୍ମୃତିରେ ଅନେକ ପଦକ୍ଷେପ ନିଆଯିବାକୁ ନିଷ୍ପତି ନିଆଯାଇଥିଲା, ଏହି ଅବସରରେ ନୂତନ ବର୍ଷ ଉପଲକ୍ଷେ ତୁଳସୀ ରାମାୟଣ ସାତକାଣ୍ଡ ପରିବେଷଣ ହୋଇଥିଲା, ପବିତ୍ର ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଜାନୁଆରୀ ୨୦୨୬
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୧ କସାପ ଭ୍ରାତୃଦ୍ୱୟ

ଷାଠିଏ ଜଣ ଭିକ୍ଷୁ ହେବାମାତ୍ରେ ବୁଦ୍ଧ ସେମାନଙ୍କୁ ବିଭିନ୍ନ ଆଡ଼କୁ ଲୋକଙ୍କ ମଧ୍ୟରେ ତାଙ୍କ ଶିକ୍ଷା ପ୍ରଚାର କରିବା ନିମନ୍ତେ ପଠାଇଦେଲେ ଏବଂ ତା'ପରେ ସେ ନିଜେ ମଧ ଇସିପାଟନାର ମୃଗଉଦ୍ୟାନ ତ୍ୟାଗ କରି ଦକ୍ଷିଣ ଦିଗରେ ଅବସ୍ଥିତ ମଗଧ ଦେଶ ଆଡ଼କୁ ମୁହାଁଇ ଶେଷରେ ଉରୁବେଲାକୁ ପ୍ରତ୍ୟାବର୍ତ୍ତନ କଲେ।

ନଦୀକୂଳରେ ତିନିଭାଇ ବାସ କରୁଥିଲେ, ଯେଉଁମାନଙ୍କ ନାମ ଥିଲା - ଉରୁବେଲା କସାପ, ନଦୀ କସାପ ଓ ଗୟା କସାପ। ସେମାନେ ଯଥାକ୍ରମେ ୫୦୦, ୩୦୦ ଏବଂ ୨୦୦ ଜଣ ଅନୁଗାମୀଙ୍କ ସହିତ ପୃଥକ ଭାବରେ ରହୁଥିଲେ।

ଦିନେ ସନ୍ଧ୍ୟାରେ ବୁଦ୍ଧ ଉରୁବେଲା କସାପଙ୍କ କୁଡ଼ିଆକୁ ଯାଇ କହିଲେ, "ଯଦି ତୁମର କିଛି ଅସୁବିଧା ନହୁଏ, ତେବେ ମୁଁ ତୁମ ରୋଷେଇ ଘରେ ରାତ୍ରିଯାପନ କରିପାରିବି କି?"

"ମହାନ ଗୌତମ, ତୁମେ ମୋ କୁଡ଼ିଆରେ ରାତ୍ରିଯାପନ କରିବାରେ ମୋର କୌଣସି ଆପତ୍ତି ନାହିଁ। ମାତ୍ର ରୋଷେଇ ଘରେ ଜଣେ ଭୟଙ୍କର ସର୍ପରାଜ ରହୁଛନ୍ତି। ମୋର ଭୟ ଏହି ଯେ, ସେ ତୁମର କ୍ଷତି କରିପାରନ୍ତି।" - ଉରୁବେଲା କସାପ କହିଲେ।

"ଓହୋ! ମୋର କିଛି ଅସୁବିଧା ନାହିଁ। ଯଦି ତୁମର କୌଣସି ଆପତ୍ତି ନଥାଏ, ତେବେ ମୁଁ କ'ଣ ସେଠାରେ ରାତ୍ରିଯାପନ କରିପାରିବି?" - ବୁଦ୍ଧ କହିଲେ। "ଠିକ୍ ଅଛି ଯାଇ ଶୋଇପଡ଼। ଶୁଭରାତ୍ରି ଓ ଶୁଭକାମନା।" - ତପସ୍ୱୀ କହିଲେ।

ବୁଦ୍ଧ ମଧ ତାଙ୍କୁ ଶୁଭରାତ୍ରି ଜଣାଇ ରୋଷେଇ ଘରକୁ ଗଲେ ଏବଂ ତଳେ କିଛି ଘାସ ବିଛାଇ ସେଥିରେ ବସିପଡ଼ିଲେ। ଏଥିରେ ସର୍ପରାଜ ଭୀଷଣ କ୍ରୋଧିତ ହୋଇଗଲେ ଓ ମୁହଁଖୋଲି ବୁଦ୍ଧଙ୍କୁ ଦଂଶନ କରିବାକୁ ଆସିଲେ।

"ମୁଁ ଏହି ନିରୀହ ସର୍ପରାଜଙ୍କର କ୍ଷତି କରିବି ନାହିଁ। କିନ୍ତୁ ମୁଁ ମୋର ପ୍ରେମ ଏବଂ ଦୟା ଦ୍ୱାରା ତାକୁ ବଶ କରିବି।" - ବୁଦ୍ଧ ଭାବିଲେ।



ସର୍ପରାଜ ଯେତେ ଅଧିକ କ୍ରୋଧିତ ହେଉଥିଲେ, ବୁଦ୍ଧ ସେତେ ଅଧିକ ଦୟାଳୁ ହେଉଥିଲେ। ସର୍ପରାଜ ବୁଦ୍ଧଙ୍କର କୌଣସି କ୍ଷତି କରିପାରିଲେ ନାହିଁ। ପରଦିନ ସକାଳେ ତପସ୍ୱୀ (ଉରୁବେଲା କସାପ) ମନକଲେ ବୁଦ୍ଧଙ୍କୁ ସର୍ପରାଜ ହତ୍ୟା କରିଥାଇପାରନ୍ତି ଏବଂ ନିଜକୁ ନିଜେ କହିଲେ, "ମୁଁ ଯାଇ ତାଙ୍କୁ କବର ଦିଏ।" ତେଣୁ ସେ ବୁଦ୍ଧଙ୍କୁ ଦେଖା କରିବାକୁ ଗଲେ।

ଯାଇ ଦେଖିଲେ ବୁଦ୍ଧ ଗଭୀର ଧ୍ୟାନରେ ବସିଛନ୍ତି। ତପସ୍ୱୀ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲେ ସର୍ପରାଜ ତାଙ୍କର କିଛି କ୍ଷତି କରିଛନ୍ତି ନା ନାହିଁ।

"ଏଇଠି ଅଛି, ନିଜେ ଦେଖ" - ବୁଦ୍ଧ ଏହା କହି ତାଙ୍କ ଭିକ୍ଷାପାତ୍ରକୁ ତପସ୍ୱୀଙ୍କ ସମ୍ମୁଖରେ ଖୋଲିଦେଲେ। ଭୟଙ୍କର ସର୍ପରାଜ ସେଠାରୁ ବାହାରି ଆସିଲେ। ତପସ୍ୱୀ ନିଜ ଜୀବନରକ୍ଷା ପାଇଁ ଦୌଡ଼ି ପଳାଇଲେ। ବୁଦ୍ଧ ତାଙ୍କୁ ଅଟକାଇଲେ ଏବଂ କହିଲେ ଯେ ତାଙ୍କ ପାଖରେ ଯେକୌଣସି ସର୍ପରାଜକୁ ବଶ କରିବାର ଏକ ମନ୍ତ୍ର ଅଛି।

"ମୁଁ ବି ଏହା ଶିଖିପାରିବି କି?" ତପସ୍ୱୀ ପଚାରିଲେ; ଯିଏ ଆରମ୍ଭରୁ ନିଜର ଶକ୍ତି ନିମନ୍ତେ ବହୁତ ଗର୍ବିତ ଥିଲେ। ସେ ଅନୁଭବ କଲେ ବୁଦ୍ଧ ତାଙ୍କଠାରୁ ଅଧିକ ଶକ୍ତି ଅର୍ଜନ କରିଛନ୍ତି। ତେଣୁ ସେ ବୁଦ୍ଧଙ୍କର ଅନୁଗାମୀ ହୋଇଗଲେ।

ଯେତେବେଳେ ତାଙ୍କ ସାନ ଭାଇମାନେ ଜାଣିବାକୁ ପାଇଲେ ଯେ ସେମାନଙ୍କ ବଡ଼ଭାଇ ବୌଦ୍ଧ ହୋଇଯାଇଛନ୍ତି, ସେମାନେ ମଧ ତାଙ୍କୁ ଅନୁସରଣ କଲେ ଏବଂ ଏହି ଭାଇମାନଙ୍କର ସମସ୍ତ ଏକହଜାର ଅନୁଗାମୀ ମଧ ବୌଦ୍ଧ ହୋଇଗଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ଆମେ ଓଡିଆ ହୋଇ ଉତ୍କଳୀୟ ସ୍ୱାସ୍ଥ୍ୟପ୍ରଦ ରୁଚିକର ଖାଦ୍ୟ, ପାନୀୟ, ପୋଷାକ ପରିଚ୍ଛଦ ଛାଡି ବିଦେଶୀ ବସ୍ତୁପ୍ରତି ଆକୃଷ୍ଟ ହେବା ମୂର୍ଖତାର ପରିଚୟ ନୁହେଁ କି? ପାଶ୍ଚାତ୍ୟର ଅଧିକ ଶୀତଳ ଜଳବାୟୁପୂର୍ଣ୍ଣ ପରିବେଶରେ ଶରୀରକୁ ଗରମ କରୁଥିବା ଚା', କଫି ମଦ୍ୟ ପ୍ରଭୃତି ହୁଏତ ପାଶ୍ଚାତ୍ୟ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟକର ହୋଇପାରେ, ମାତ୍ର ଆମ ଭାରତ ଭଳି ଗ୍ରୀଷ୍ମ ମଣ୍ଡଳୀୟ ଦେଶରେ ସେ ସବୁର ସେବନ ଯେ ଶରୀର ପ୍ରତି ହିତକର ନୁହେଁ, ଏକଥା ଆମେ ଭୁଲିଯାଉଛେ। ଆଜି ଆମକୁ ଓଡିଶୀ ନୃତ୍ୟ, ଛଉ ନୃତ୍ୟ, ଦାଶକାଠିଆ,ପାଲା ଭଳି ନୃତ୍ୟ ଗୀତ ଭଲଲାଗୁନାହିଁ । ଏପରିକି ଆମ ଦେଶୀ କୁକୁରକୁ ଛାଡି ଘରେ ବିଦେଶୀ କୁକୁର ପାଳିବାକୁ ଆମେ ପସନ୍ଦ କରୁଛୁ । ବିଦେଶୀ ସୁବାସହୀନ ଫୁଲ ବାଡିବଗିଚାରେ ଲଗାଉଛୁ । ବିଦେଶୀ ଫୁଲ ବିନା ଆମ ଫୁଲକୁଣ୍ଡ ଶୋଭା ପାଉନି । ଏଭଳି ବିଦେଶୀ ପ୍ରତି ସ୍ଥାୟୀ ସୁଖଦାୟୀ ହୋଇନପାରେ । ଏହା କେବଳ ଦୂର ପାହାଡ ସୁନ୍ଦରର ଭ୍ରମ । ପରକୀୟା ପ୍ରୀତି ପରି ଅତି ଭିତ୍ତିପ୍ରଦ । ମା' ହାତରନ୍ଧା ଶାଗଭଜା ସହିତ ହୋଟେଲ୍ ରନ୍ଧା ମାଛ ଭଜା ସରି ହେବକି? ମା'ର ସ୍ନେହ, ଶ୍ରଦ୍ଧା, ପ୍ରେମ ମିଶା ଶାଗଭଜାରେ ଯେଉଁ ସ୍ୱାଦୁ, ସେ ସ୍ୱାଦ ହୋଟେଲ୍‌ର ପେଷାଦାର ରାନ୍ଧୁଣିଆର ରନ୍ଧାରେ ଥାଏ କି? 'ପର' ଲୁଗା ପିନ୍ଧି ଯାତକୁ ଯାଇ, ଲୋକେ ପଚାରିଲେ ମୁଣ୍ଡ ହଲାଇ ନୀତିରେ ଆଉ କେତେଦିନ ଚଳିବୁ? ମାଗିଅଣା ତୁଣରେ କ'ଣ ସନ୍ତୁଷ୍ଟ ହୋଇପାରିବା?

ନିଜର ଭରପୁର ଐତିହ୍ୟ ସମ୍ପନ୍ନ ସାଂସ୍କୃତିକ ସମ୍ପଦ, ଭାଷା, ସାହିତ୍ୟ ଥିବାବେଳେ ଆମେ ସେ ସବୁକୁ ଅବଜ୍ଞା କରି, ଅରହେଳା କରି ବିଦେଶୀ ସଂସ୍କୃତି ପ୍ରେମୀ ହେବା ଆମ ବଡ଼ପଣିଆ ନୁହେଁ, ବରଂ ମୂର୍ଖତା- ଏକଥା ଭାବିବା ଦରକାର । କୌଣସି ଜାତି ନିଜସ୍ୱ ମୌଳିକତା ଛାଡି ବଡ଼ ହୋଇନାହିଁ-ଏହା ଆମର ଜାଣିବା ଦରକାର । ଅନ୍ୟକୁ ଯଦି କିଛି ଦେଖେଇ ଆମେ ନିଜକୁ ବଡ଼ ମନେ କରିବା କଥା, ଅନ୍ୟ ଆଗରେ ମୁଣ୍ଡ ଟେକି ଚାଲିବା କଥା, ଗର୍ବ ପୋଷଣ କରିବା କଥା- ତେବେ ତାହା ହେଉଛି ଆମର ନିଜସ୍ୱ ଭାଷା, ସାହିତ୍ୟ ଓ ସଂସ୍କୃତି ।

**- ଡ. ଦୀନବନ୍ଧୁ ବେହେରା**

♥ ଅବସରପ୍ରାପ୍ତ ପ୍ରାଧ୍ୟାପକ
ଭୁବନେଶ୍ୱର

## ପାଉଁଜିର ପାଣ୍ଡୁଲିପି-୧

ବିପିନ ମହାନ୍ତି



### ମୋ ପ୍ରେମର ତାରକସି

ଚାନ୍ଦିନୀଚଉକୁ ଚାନ୍ଦି ପାଉଁଜିଟା କିଣି ଆଣିଥିଲି ଦିନେ
ଝୁମୁରୁ ଝୁମୁରୁ ଚାଲୁଥିଲେ ତୁମ ପାଦକୁ ବହୁତ ମାନେ
ସାରା କଟକ ମୁଁ ଖୋଜିଛି ସେଦିନ ହେବ ବୋଲି ତୁମେ ଖୁସି
ପାଉଁଜି ନୁହେଁ ସେ ସରାଗ ଗଢା ମୋ ପ୍ରେମର ତାରକସି ।

ହଲେ ପାଉଁଜିରେ ହଜାରେ ସ୍ୱପ୍ନ ହଜିଥିବା ଅଭିମାନ
ନିଃଶବ୍ଦରେ ତୁମ ଆସିବା ଶବଦ ଡେରିଥାଏ ମୋର କାନ
କିଏ ସେ ସୁନ୍ଦର ଜୋଛନା ନା ଜହ୍ନ ପାଉଁଜି ନା ତୁମ ପାଦ
ପାଉଁଜିର ପାଇଁ ତୁମ ପାଦ ଦୁଇ ମୁଣ୍ଡେଇଛି ଅପବାଦ ।

ପାଦ ଚିପି ଚିପି ଆସୁଥିଲେ ତୁମେ ଅନ୍ଧାର ବି ପାରେ ଜାଣି
ପଡିଶା ଘଣର ଝୁମାନାନୀ ପୁଣି ସେ ଶବଦ ପାରେ ଶୁଣି
ଈର୍ଷାରେ ଈର୍ଷାରେ ସାରା ଗାଆଁ ଜଳେ ଯେତେ ମୋର ବଦନାମ
ପାଉଁଜିର ପାଇଁ କଳଙ୍କର ଟିକା ମଥାରେ ଲାଗିଛି ତୁମ ।

ବାଉନ ବଜାର ତେପନ ଗଳିର କଟକ ସହର ସାରା
ସେମିତି ପାଉଁଜି ଖୋଜି ଖୋଜି କେତେ ପାଦ ମାରେ ପଇଁତରା ।

♥୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ମହତ କରମ କର ଅନୁକ୍ଷଣ

କ୍ଷମାନିଧି ଭୋଇ



ମଣିଷ କହୁଛି ମୋତେ ସବୁ ଦିଅ
ସୁନା ରୁପା ଟଙ୍କା ଗାଡ଼ି
ବଡ଼ ବଡ଼ ପଦପଦବୀ ମୋ ଥିବ
ପୂରିଥିବ ଜମିବାଡ଼ି ।

ଯଶ ଓ କିରତି ମାନ ଓ ମର୍ଯ୍ୟାଦା
ଅମାପ ଥିବ ମୋ ପାଖେ
ଚାରିଆଡ଼େ ଖାଲି ମୋର ଗୁଣଗାନ
କରୁଥିବେ ସଦା ଲୋକେ।

ଆତଯାତ ଥିବ ମୋ ଦାଣ୍ଡ ଦୁଆରେ
ଅହରହ ଲୋକ ଭିଡ
ବୁଝୁଥିବି ମୁହିଁ ଗୁହାରି ତାଙ୍କରି
ଛୋଟ ହେଉ ଅବା ବଡ଼।

ଶାସନ ଗାଦିର ମୁଁ ଥିବି ମାଲିକ
ପ୍ରିୟ ସାଜି ସଭିଙ୍କର
ମାଳ ମାଳ ଲୋକ ଥିବେ ଆଗ ପଛ
ସାଜି ଅତି ଆପଣାର ।

କହୁଛି ମଣିଷ ସବୁ ହୋଇଯାଉ
ବିନା ପରିଶ୍ରମ କରି
ନ ହେଉ ସେ ବୃଦ୍ଧ ସଦା ଥାଉ ଯୁବ
ସବୁ ଉପଭୋଗ କରି ।

ନ ଆସୁ ମରଣ କେବେ ତା'ର ପାଖ
ଅମର ସେ ଥାଉ ରହି
ସୁଖ ସମ୍ଭୋଗରେ ପ୍ରାଚୁର୍ଯ୍ୟ ଭିତରେ
ତା'କୁ ରଖିଥାଉ ବିହି ।

ଅଭାବ କଷଣ ନ ଦେଖୁ ଜୀବନ
ନ ଭୋଗୁ ସେ ରୋଗ ବ୍ୟାଧି
ସୁଖ ସମୃଦ୍ଧିରେ ଉଛୁଳି ପଡୁ ତା'
ଜୀବନର ଚଉହଦି।

ମଣିଷ କହୁଛି ମୋତେ ସବୁ ଦିଅ
ହସ ଖୁସି ଓ ଆନନ୍ଦ
ସ୍ୱାର୍ଥକୁ ଜାବୁଡ଼ି ପର ନିନ୍ଦା କରି
ଆତ୍ମ ଗର୍ବେ ହୁଏ ଅନ୍ଧ।

ହେ ମଣିଷ ଆଉ ହୁଅ ନାହିଁ ଅନ୍ଧ
ପାପକୁ ଜାବୁଡ଼ି ଧରି
ମହତ କରମ କର ଅନୁକ୍ଷଣ
ସତ୍ୟ ଧରମ ଆଦରି।

♥ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା (ଓଡ଼ିଶା)
ପିନ୍ : ୭୬୬୧୦୫
ମୋ : ୯୪୩୮୨୯୨୯୩୩

### ହୁଏ କି ପୁରୁଣା ଭୁଲି

ଜେନା ପ୍ରଦୀପ



ଯେତେ ପାଇଲେ ବି ନୂଆ ଦରବଟେ
ହୁଏ କି ପୁରୁଣା ଭୁଲି
ନୂଆ ଚିଜ ଯେତେ କରୁ ଚିକିମିକି
ହେଉ ଯେତେ ମଖମଲି।

ଆଜି ଯାହା ନୂଆ କାଲି ସେ ପୁରୁଣା
ଆପେ ଆପେ ଯିବ ହେଇ
ପୁରୁଣାର ଛାପ ନୂଆ ତ' ପାଇବ
ଦୁନିଆର ରୀତି ଏଇ
କମେନା ଆଦର ଭଲ ଜିନିଷର
ଅଟେ ସେ ପୁରୁଣା ବୋଲି।

ହୋଇଥାଏ ଦେଖା କେତେ ଲୋକଙ୍କର
ଜୀବନର ଚଲାବାଟେ
ହୋଇଯାଏ ଯୋଡ଼ି ଭାବ କାହାସାଥେ
କା'ଠାରୁ ସମ୍ପର୍କ ତୁଟେ
ନୂଆ ପୁରୁଣାର ଫରକ ଏତିକି
ଜଣେ ଆଜି ଜଣେ କାଲି।

♥ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,
ମୋ : ୯୯୩୮୫୨୦୩୧

## କବିତା.....

### ଛାଞ୍ଚୁଣୀ

ସୁବ୍ରତ କୁମାର ପଟ୍ଟନାୟକ



ମୋ ଜାତକ ଜନ୍ମ କୁଣ୍ଡଳିରେ
ଲେଖାଅଛି, ହେବି ବାରଓଳି,
ଶୁଣ୍ଠିପିଣ୍ଡା
ବାସି ଅଳନ୍ଧୁ, ଅସନା ବାରଣ୍ଡା
ଏନ୍ତୁଡ଼ିଶାଳ, ଅନ୍ତୁଡ଼ି ଶାଳରେ ପାଳବିଡ଼ା।

ବଡ଼ି ଭୋରରୁ ନଥିବ ତର
ଦାଣ୍ଡ ଅଗଣା, ଗୁହାଳ ଘର
ଦରପୋଡ଼ା ବିଡ଼ି, ସିଗାରେଟ
ଅଇଁଠା ପତର
ସମସ୍ତଙ୍କୁ କରିବି ଠୁଳ

ଦିହକୁ ଜକେଇ କରିବି ଗେଲ
ଗୁନ୍ଥିବି ସ୍ନେହର ଗଜରା ମାଳ।

ମାଛିକୁ 'ମ' କହୁନଥିଲେ ବି
ମୋତେ ନେଇ କେତେ ରାମାୟଣ, ମହାଭାରତ
ଶାଶୁ, ବୋହୂ କଳି ଝଗଡ଼ାରେ
ପାଲଟିବି ଗାଣ୍ଡିବ ଅସ୍ତ୍ର
ଭୂତ ପ୍ରେତ, ଡାଆଣୀ ଚିରୁଗୁଣୀ
ରୋଗ ବୈରାଗ୍ୟ କରିବି ନିପାତ
ହେଲେ ମୋତେ ଦେଖିଦେଲେ
ଜଗତର ସବୁ ଅଭି ସମ୍ପାତ।

ଜାଣେ, ସବୁ ଲେଖାଅଛି
ମୋ ଫଟା କପାଳରେ
କେବେ ବିଜୟ ଝଣ୍ଡା ପରି
ଫରଫର ଉଡ଼ିବି
ରାଜ ଉଆସରେ ତ
କେବେ ଫାଶୀ ଖୁଣ୍ଟରେ
କଏଦୀ ପରି ଝୁଲୁଥିବି ଟ୍ରକ୍ ଡାଲାରେ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

### ହିସାବ

ସ୍ମିତା ପଣ୍ଡା



ମୋ ହିସାବ ହାରିଯାଏ
ତୋ କଥା ହିଁ ରହେ ସବୁବେଳେ
ତୋର ବାହାନା ଆଗରେ
ମୁଁ ନାଚାର କାଳେକାଳେ ।

ମୋ ପାଖକୁ ଆସିବା ପାଇଁ
ତୋର ପାଦ ନ ଥିଲା ବୋଲି
ବାହାନା କଲୁ ଯେ
ମୁଁ ତ ଦେଇ ଦେଲି ମୋର ପାଦ ଯୋଡିକ
ଏବେ ତୁ ଡାକୁଛୁ
ତୋ ଘର ଯାଏଁ
ମାନଚିତ୍ର ଆଙ୍କି ପଠେଇଛୁ
ରାସ୍ତା ସିନା ଅଛି
ଆଉ କଣ ପାଦ ଅଛି ଯେ ଚାଲିବି
ତୋ ପାଖରେ ପହଞ୍ଚିବାର
କାମନା କରିବି।

ମତେ ଦେବା ପାଇଁ
ତୋର ହାତ ନ ଥିଲା ବୋଲି
ବାହାନା କଲୁ ଯେ
ମୋ ହାତକୁ ଦେଇଦେଲି ତତେ
ତା'ପରେ ଅନେଇରହିଲି ସିନା
ତୁ ଭୁଲିଗଲୁ ଦେବାକୁ
ଏବେ କଣ ଆଉ କହିପାରିବି
ତତେ ଛୁଇଁ ଦେବାର ଇଚ୍ଛାଯାକ
ଦିନେ ପୂରାକରିବି ।

କହିବାକୁ ଚାହିଁଲୁ ତୁ
ଶବ୍ଦ କିଛି ଦେଉ ଦେଉ
ନିଜକୁ ହିଁ ତତେ ଦେଲାପରେ
ମୋର ପାଦ ନାହିଁ, ହାତ ନାହିଁ ବୋଲି
ଆଉ କ'ଣ
ଅଭିଯୋଗ କରିପାରେ ।

ଦେଖୁନୁ ତଥାପି
ମୋହଯାକ ମୋ ଅଣ୍ଟିରେ ଭରିଚି
ହଁ -ନାହିଁର ଅରଣ୍ୟରେ
ନିଜକୁ ମୁଁ ତୋ ଆଡକୁ ଘୋଷାରୁଚି
ଜାଣିଚି, ସବୁଥର ପରି ବି ଏ ଥର
ତୁ ମୋର କେତେ ପାଖ, କେତେ ଦୂର
ହିସାବଟା ତୋର ।

♥ ଲେହେଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦

### ଦର୍ଶନ

ଐଶ୍ୱର୍ଯ୍ୟା ପ୍ରଧାନ



ଶୁଣିଥିଲି ତୁମ ବଡ଼ପଣର ବର୍ଣ୍ଣନା
ବ୍ୟାପି ଯାଇଥିଲା ସହସ୍ର କୋଶକୁ
ମନରେ ଅସୁମାରୀ କୌତୁହଳ
ତୁମ ଦର୍ଶନ ପାଇବାର ଅଦ୍ଭୁତ ପିପାସା ମୋ ମନର ।

କେଜାଣି କେଉଁ ଦିବ୍ୟ ଉପାଦାନରେ ଗଢ଼ା
ତୁମ ଶରୀର ଆଉ ମନ
ଆପେଆପେ ଟାଣି ନେଉଥିଲା
ଚୁମ୍ବକୀୟ ଶକ୍ତି
ଖେଳିଯାଉଥିଲା ଅନନ୍ୟ ଚମକ
ମୋ ଆଖିରେ ।

ପାଖକୁ ଗଲି
ଓହ୍ଲେଇ ଆସିଲ ସିଂହାସନରୁ
ଆବୋରି ନେଲ ମୋତେ
ଏବେ ଅପେକ୍ଷା କେବଳ ଆଶୀର୍ବାଦର।

ସ୍ଥାଣୁ ପାଲଟିଗଲି
ଯେବେ ଦେଖିଲି
ମୋ ଅଙ୍ଗସାରା ତୁମ ଆଶୀର୍ବାଦର
ମେଞ୍ଚାମେଞ୍ଚା ଦାଗ,
ଆଖି ସାମ୍ନାରେ ଚିତ୍ରଣ ହେଲା
ପାଣ୍ଡବ କୌରବମାନଙ୍କ ପଶାଖେଳ
ବିବସନା ଦ୍ରୌପଦୀଙ୍କ ନାଚାରପଣ।

ଜାଣିଗଲି
କ୍ଷଣିକରେ ଆଶୀର୍ବାଦ ପରିବର୍ତ୍ତନ
ହୋଇଯାଏ ଅଭିଶାପରେ ।

♥ପୋଷ୍ଟାଲ୍ କଲୋନୀ
ଭବାନୀପାଟଣା,କଳାହାଣ୍ଡି
ମୋ-୭୦୦୮୯୩୧୫୯୯

### ଶ୍ମଶାନ ଦୃଶ୍ୟ

ସୌଭାଗ୍ୟବନ୍ତ ମହାରଣା



ଦୃଶ୍ୟ ଓ ଦୃଶ୍ୟାନ୍ତରର ନେପଥ୍ୟରେ
ଜୀବନ ଓ ମୃତ୍ୟୁର ସତ୍ୟତା ଖୋଜିବାକୁ
ସେଠି ଶବ୍ଦ ଓ ନୀରବତା ମଧ୍ୟରେ
କିଛି ତଫାତ୍ ନାଇଁ ।

ଅନ୍ଧାର ଓ ଆଲୁଅର ଖେଳ
ଅହରହ ଚାଲୁଥାଏ ସେ ସ୍ଥାନରେ
ଦେଖଣାହାରୀ ଦୋହଲାଇ ଦେବାକୁ
ଭୟରେ, ଭ୍ରମରେ, ଭୁଲଭଟକା ଭିତରେ
ନଈ କୂଳର ସେ ଶୁଖିଲା ମାଟିରେ ।

କେଜାଣି ମୃତ୍ୟୁର ଚାରା ଗଜୁରିଯାଏ
ରାତି ଅଧର ଆକାଶ ଛୁଇଁବାକୁ
କଳା ସୂର୍ଯ୍ୟର ଠିକଣା ଠାବ କରି ।

ଶ୍ମଶାନରେ ଦୃଶ୍ୟସବୁ ବଦଳୁଥାଏ
ବଦଳୁଥାଏ ଅନ୍ଧ ମଣିଷର ଅହଂକାର
ହିଂସା ଘୃଣା ଈର୍ଷାର ନଷ୍ଟଚିତ୍ର
ଦେହରୁ ବିଦେହ ଯାଏଁ ।

ପୋଡା ଭୂଇଁରେ ମାଂସର ଗନ୍ଧ
ଜମାଟ ବାନ୍ଧିଥିବା ରକ୍ତରେ
ଶୀତେଇଯାଏ ଶବର ସ୍ୱାଭିମାନ
ନିଆଁର ବଳୟ ଭିତରେ
ନୀରବତାର ଉଜୁଡି ଯାଉଥିବା ଦୁର୍ଗର
ଶେଷ ଠିକଣା ଖୋଜିବାକୁ ।

ଛିଣ୍ଡାବାଳ, କଟାହାତ, କଙ୍କାଳର
କବ୍‌ଜା ଭିତରୁ ଖସି ପାରେନି
ଶ୍ମଶାନର ବଷର୍ଣ୍ଣ ସମୟ
ପର ଓ ଆପଣା ଭିତରେ ଥିବା
ଭେଦ ଅଭେଦର ନକ୍ସାକୁ ଅଲ୍‌ବିଦା କହି ।
ଆକାଶର ଖାତାରେ
କଳା ସୂର୍ଯ୍ୟର ଇସ୍ତାହାର
ମଲାଜହ୍ନରେ ଥୁରୁଥୁରୁ
ଶୀତରାତିର ହାହାକାର ।

ପୋଡା ମାଟିର ଗନ୍ଧରେ
ବଦଳିଯାଏ ରାତିର ମାନଚିତ୍ର
ସାଂସାରିକ ହେବାର ଦୁଃଖକୁ ସାଇତି ନେବାକୁ
ଘଟ ଭିତରେ ଘଟଣାମାନଙ୍କୁ ଏକତ୍ର କରି
ମୃତ୍ୟୁର ମୁଗ୍ଧ କବିତା ମଧ୍ୟରେ
ଜୀବନର ଅଲୌକିକ ଦର୍ଶନ ଖୋଜିବାକୁ ।

♥ଜୀବନ ବୀମା ନିଗମ, ମଣ୍ଡଳ
କାର୍ଯ୍ୟାଳୟ, ସମ୍ବଲପୁର-୪

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୪ ରବିବାର ଚିତ୍ରିନି

୧୦୨ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# ସାହିତ୍ୟ ଆମ ହୃଦୟରେ ରୁଚିବୋଧ ଓ ଶୁଚିବୋଧର ସଂଚାର କରୁ : ଡ.ଶତ୍ରୁଘ୍ନ ପାଣ୍ଡବ

**ଡ. ଶତ୍ରୁଘ୍ନ ପାଣ୍ଡବ** ଓଡିଆ ସାହିତ୍ୟ ପରିମଣ୍ଡଳରେ ଜଣେ ଅଗ୍ରଗଣ୍ୟ କାବ୍ୟଶିଳ୍ପୀ ଓ ପ୍ରାଜ୍ଞ ସାହିତ୍ୟ ସମାଲୋଚକ ଭାବେ ସୁପରିଚିତ । ତାଙ୍କ ଲେଖାମାନଙ୍କରେ ପରିଚ୍ଛନ୍ନ ଅବବୋଧ ଓ ସର୍ଜନାତ୍ମକ ଭାଷା ତାଙ୍କୁ ଦେଇଥାଏ ନିଆରା ପରିଚୟ । ମାଟି, ଆକାଶ, ଦିଗନ୍ତ, ଗଛବୃଚ୍ଛ ସର୍ବୋପରି ପ୍ରକୃତିକୁ ନିଜର ଆଦ୍ୟଗୁରୁ ବୋଲି ସ୍ୱୀକାରୁଥିବା ଶତ୍ରୁଘ୍ନ ପାଣ୍ଡବ, ଭାଷାର ସର୍ବୋତ୍ତମ ବାହକ ସାହିତ୍ୟ; ଏହା ବହୁ ମାଧ୍ୟମ ଦେଇ ଲୋକଙ୍କ ପାଖରେ ପହଞ୍ଚିବା ଦର୍କାର ବୋଲି ମଧ୍ୟ କୁହନ୍ତି । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କବିତା ମୋତେ ଆଧାର କରି ବାଛିଚି ଅଭିବ୍ୟକ୍ତ ହେବା ଲାଗି । ଅନ୍ୟ ଭାବେ କହିଲେ ମୁଁ ତାକୁ ବାଛିଚି ମୋର ଅଭିବ୍ୟକ୍ତି ଲାଗି । ଆମେ କାହିଁକି ପରସ୍ପର ସହିତ ବାନ୍ଧି ହେଲୁ ଯେତେ କହିଲେ ବି ୟା'ର କିଛି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ଭାବସ୍ଫୁରଣର କେତେ ମୁହୂର୍ତ୍ତ ଆସି ଫେରି ଯାଇଥିବ । 'ମାଟି ପାଇଁ' ଶୀର୍ଷକରେ ଏକ ଉଚ୍ଚାରଣ ଶବ୍ଦଗତ ହୋଇଥିଲା ଆଦ୍ୟ ସ୍ୱାକ୍ଷର ଭାବେ ହାଇସ୍କୁଲ ପଢ଼ା ବେଳରେ ସମ୍ଭବତଃ ୧୯୭୦ରେ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ପ୍ରେରଣା ମୁଁ ନିଜେ । ଆନୁସଙ୍ଗିକ ନାନା କଥା ତା' ସହ ଯୋଡ଼ି ହେବେ ଯଥା: ମୋ କଳ୍ପନା ପ୍ରବଣତା, ଭାବୋଚ୍ଛ୍ୱାସ ତା' ସହ ଯୋଡ଼ି ହେବେ ଯଥା: ମୋ କଳ୍ପନା ପ୍ରବଣତା, ଭାବୋଚ୍ଛ୍ୱାସ ତା' ସାଙ୍ଗକୁ କବିଟିଏ ହେବାର ଦୁର୍ଦ୍ଦମନୀୟ ଆସ୍ପୃହା । ମାଟି, ଆକାଶ, ଦିଗନ୍ତ, ଗଛବୃଚ୍ଛ ସର୍ବୋପରି ପ୍ରକୃତି ମୋର ଆଦ୍ୟଗୁରୁ । ଗୁରୁ ବି ସ୍ୱୟଂ କବିତା । ଗୁରୁ ବି ମୋ କାବ୍ୟ ପରମ୍ପରା, ମୋର ଓଡ଼ିଆ ଇଂରାଜୀ ସାହିତ୍ୟ ଶିକ୍ଷକମାନେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ଆପଣଙ୍କ କବିତା ପାଠକଙ୍କୁ ଛୁଇଁଥାଏ । ଏହାର ଟେକନିକ୍ କ'ଣ ? କବିତାର କିଛି ସୀମା ରହିବା ଉଚିତ କି ?

■■ ୧୯୭୨ ମସିହାରେ ଲିଖିତ କବିତାରୁ ଚାରୋଟି ଏକାସାଙ୍ଗେ ମୁଁ ପଢୁଥିବା କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଛାତ୍ରାବାସର ମୁଖପତ୍ର 'ସାଗରିକା'ରେ ୧୯୭୩ ଜାନୁୟାରୀରେ ପତ୍ରସ୍ଥ ହୋଇଥିଲେ । 'ସ୍ୱପ୍ନ' ଶୀର୍ଷକ କବିତାଟି ମୋ ନାଁରେ, ବାକିସବୁ ତିନିଜଣ ସାଙ୍ଗଙ୍କ ନାମରେ । ନିଜ ନାମକୁ ଛପା ଅକ୍ଷରରେ ଦେଖି ବିଭୋର ହେଉଥିଲି । ବିମର୍ଷ ବୋଧଥିଲା ଅନ୍ୟମାନଙ୍କୁ କବିତା ଦେଇଥିବାରୁ । ପରେ ପରେ ଯେ ସମସ୍ତ କବିତା ଭିନ୍ନ ନାମରେ, ଭିନ୍ନ ଶୀର୍ଷକରେ କେନ୍ଦ୍ରାପଡ଼ା ସହରର କୌଣସି ହାଇସ୍କୁଲ ପତ୍ରିକାରେ ପତ୍ରସ୍ଥ ହେବା ଦେଖିଲି । କବିତା ଦାନ ଓ କବିତା ଚୋରି । ୟାକୁ ଭୁଲି ଆଗକୁ ବଢ଼ିଥିଲି ।

କବିତା ପାଠକ ପାଖକୁ ଯିବା ଆଗରୁ ନିଜକୁ ଛୁଇଁବା ଜରୁରୀ । କବିତା ପାଇଁ ପ୍ରାରମ୍ଭରେ କୌଣସି ଟେକ୍‌ନିକ୍ ବା କୌଶଳ ନଥାଏ । ଅଭିବ୍ୟକ୍ତିଟି ଶବ୍ଦଗତ ହୋଇ ଯୁଆଡ଼େ ଚାଲିଲା । ସୀମା କହିଲେ ଅଲିଖିତ ଲକ୍ଷ୍ମଣରେଖାଟିଏ ଥାଏ କୋଉଠି । ନିଜ ସଂସ୍କାର, ପରମ୍ପରା, ବିଚାର ସେଇ ରେଖାର ଧାରକ ।

■ ଭଲ କବିତାର ସ୍ୱରୂପ କ'ଣ ? କବିତା ପାଇଁ କବିତା ନା କବିତା ପାଇଁ କବି; କିଏ ଗୁରୁତ୍ୱପୂର୍ଣ୍ଣ ? ଜଣେ କବିର ସାମାଜିକ ଦାୟ କ'ଣ ହେବା ଉଚିତ ?

■■ ଯଥାର୍ଥ ସ୍ପନ୍ଦନରୁ ଉତୁରିଥାଏ ଭଲ କବିତା- ଏହାକୁ ବାରିହୁଏ । କବି ଦ୍ୱାରା ଲିଖିତ ହୋଇଥିବାରୁ ଏହା ଉଭୟ କବିର ଏବଂ କବିତାର । କବିର ସାମାଜିକ ଦାୟ ରହିଲେ ଭଲ । ଏହା କବିତା ପାଇଁ ଏକମାତ୍ର କଥା ନୁହଁ । ଏହା ଭିନ୍ନ ଉଚ୍ଚକୋଟୀର କବିତା ସମ୍ଭବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଅବଶ୍ୟ ସଂକଟରେ । ଏହାର କାରଣ ଆମର ଘୋର ହୀନମନ୍ୟତା । ମା'ଙ୍କ ଅପେକ୍ଷା ଆମକୁ ମାଉସୀ, ପଡ଼ିଶା ଘରର ଆଣ୍ଟି ସୁନ୍ଦରୀ ଲାଗୁଛନ୍ତି । ଭାଷାର ସର୍ବୋତ୍ତମ ବାହକ ସାହିତ୍ୟ । ଏହା ବହୁ ମାଧ୍ୟମ ଦେଇ ଲୋକଙ୍କ ପାଖରେ ପହଁଚିବା ଦର୍କାର । ଭାଷାର ଏକ ନିଜସ୍ୱ ସ୍ପନ୍ଦନ ଓ ସୌନ୍ଦର୍ଯ୍ୟ ଥାଏ । ଆମ ଆଭିମୁଖ୍ୟ ବିଜାତୀୟ ହେଲେ ପରିମଣ୍ଡଳ ହେବ ଅବୈଧ । ଆମକୁ ଗ୍ରାସ କରିବ ଗୋଲାମି, ତାହାହିଁ ବୋଧେ ସଙ୍କଟକୁ ଡାକି ଆଣିବ ।

■ ସାହିତ୍ୟ ଆଲୋଚନା ଓ ସମାଲୋଚନା ଦିଗ ପ୍ରତି ସଠିକ୍ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କବିତା ନା ସମାଲୋଚନା; ଆପଣଙ୍କ ଦୃଷ୍ଟିରେ କେଉଁଟି ଶ୍ରେଷ୍ଠ ?

■■ ଦୃଷ୍ଟି ଦେବ କିଏ ? ଦାୟିତ୍ୱଟି କାହାର ? ତାହା ନିର୍ଣ୍ଣୟ ହେଉ । ଆଲୋଚନା ସମାଲୋଚନା ସାହିତ୍ୟ ସୃଷ୍ଟିର ପରିମାର୍ଜନ କରେ, ମୂଲ୍ୟାୟନ କରେ । ସମୀକ୍ଷା ଦୃଷ୍ଟିଟି ଯଦି ବ୍ୟାପକ ହେବ ଏବଂ ତାକୁ ଗ୍ରହଣ କରି ନେବାର ଅନ୍ତରଙ୍ଗତା ଯଦି ପରିବ୍ୟାପ୍ତ ହେବ ସମୀକ୍ଷା ମର୍ଯ୍ୟାଦା ପାଇବ । ଓଡ଼ିଶାରେ ଏହା ହେଉଛି ତ ! ସମାଲୋଚନାରେ ସର୍ଜନଶୀଳତା (**Creativity**)ର ସ୍ପର୍ଶ ରହିବା କଥା, ଏହା ବି ବିଜ୍ଞାନସମ୍ମତ (**Scientific**) ହେବା କଥା । ସେହିପରି କବିତାର କ୍ରିୟାଶୀଳତା ଭିତରେ ଏକ ସମୀକ୍ଷକୀୟ ବିଚାରବୋଧ ରହିବା ମଧ୍ୟ ସମିଚୀନ । ଯେ ଉଭୟରେ ନାନ୍ଦନିକ ଉପଲବ୍‌ଧି ମୁଁ ପାଇଥାଏ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ସାହିତ୍ୟର ସ୍ଥିତିଶୀଳତା ଆମର ତା' ପ୍ରତି ଶ୍ରଦ୍ଧା, ଆମର ରସବୋଧ ଉପରେ ନିର୍ଭର କରେ । ଆମର ରସବୋଧ ଓ ମାଧୁର୍ଯ୍ୟବୋଧର ବଳୟଟି କେତେ ଦୀପ୍ତ ତାହା ହିଁ ଅସଲ । ସାଧାରଣ ସ୍ତରର ସତ୍ତା ଉଚ୍ଚକୋଟୀର କଳାତ୍ମକ କୃତିକୁ ବୁଝି ପାରିବ ନାହିଁ । ସହଜଗମ୍ୟ ନାଁରେ ସାହିତ୍ୟ ବହୁତ ଚାଲୁ (**Cheap**) ହେବା ବି ପ୍ରମାଦପୂର୍ଣ୍ଣ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ କଥା ହେଲା, କେଉଁ ପୁରସ୍କାର- ରାଜ୍ୟସ୍ତରୀୟ ବା ଜାତୀୟସ୍ତରୀୟ ? ସରକାରୀ ନା ବେସରକାରୀ ? ଏହାକୁ ପରିଚାଳନା କରୁଥିବା ଲୋକମାନେ କେତେ ନିରପେକ୍ଷ ? ଫିକ୍‌ସିଙ୍ଗ ଓ ଗୋଷ୍ଠୀଗତ ମୋହରୁ କେତେ ମୁକ୍ତ ? ଏ ସବୁ ପ୍ରଶ୍ନ ଅଛି । ବିଭିନ୍ନ ବୟସକ୍ରମରେ ପୁରସ୍କାର ପ୍ରାପ୍ତିର ପ୍ରଭାବ ଓ ଉପଲବ୍ଧି ରହିଛି । ପାଠକ ବିମୁଖ ଲେଖକଙ୍କର ପୁରସ୍କାର ପୀଡ଼ାଦାୟକ । ସାହିତ୍ୟ ଆମ ହୃଦୟରେ ରୁଚିବୋଧ ଓ ଶୁଚିବୋଧର ସଂଚାର କରୁ । ସଂସାରର ହେଉ କଲ୍ୟାଣ, ଚିନ୍ତନ ହେଉ ମହତ୍ତର । ♥

■ ଅଳ୍ପରେ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ



ବାପା : ୰ ନାରାୟଣ ଚନ୍ଦ୍ର ପାଣ୍ଡବ
ମାତା : ୰ ଖଡ଼ିକା ଦେବୀ
ଘର : ମହାଦେଇ ପାଟଣା,
ବାଟିପଡ଼ା (ଆଳି- ପଟାମୁଣ୍ଡାଇ)
କେନ୍ଦ୍ରପଡ଼ା

ପ୍ରକାଶିତ କବିତା ପୁସ୍ତକ

୧.ନିଃଶ୍ୱାସର ତାଳପତ୍ର (୧୯୮୩),
୨.ପଦ୍ମପାଲିଙ୍କି (୧୯୯୬),
୩.ସାବରମତି (୨୦୦୦)
୪.ଦୃଶ୍ୟବୋଧ (୨୦୦୪),
୫.ଶ୍ରାବସ୍ତୀରୁ ଶ୍ରୀବସ୍ତୀ (୨୦୦୮),
୬.ପାଣି ଓ ଅନ୍ୟାନ୍ୟ କବିତା (୨୦୧୧)
୭-ମିଶ୍ର ଧ୍ରୁପଦ– (୨୦୧୬),
୮-ସୁନୟନା ଓ ଅନ୍ୟାନ୍ୟ ସ୍ତବକ (୨୦୨୧)
୯- ନିର୍ବାଚିତ କବିତା (୨୦୨୧),
୧୦- ସ୍ମରଣୀୟ ଶତକ (୨୦୨୩),
୧୧- ସୁଆଣ୍ଡୋରୁ ଦାଣ୍ଡୀ (୨୦୨୫)

କଥାଶିଳ୍ପୀ ମନୋଜ ଦାସ (୧୯୯୪) ସମେତ ୬ଗୋଟି ବୃହତ୍ ସମାଲୋଚନା ଗ୍ରନ୍ଥ ଓ ୬ଗୋଟି ସଂପାଦନା ଗ୍ରନ୍ଥ ପ୍ରକାଶିତ ।







ଶତ୍ରୁଘ୍ନ ପାଣ୍ଡବଙ୍କ ସୃଷ୍ଟି ସମୂହ....



ସାହିତ୍ୟ ସଭାରେ ବକ୍ତବ୍ୟ ରଖିବା ଅବସରରେ କବି ଡ. ଶତ୍ରୁଘ୍ନ ପାଣ୍ଡବ...








ସାହିତ୍ୟ ସଭାରେ କବି ଆଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

# ଭିନ୍ନ ଏକ ବିଦେଶିନୀ

**ଧାରାବାହିକ ଉପନ୍ୟାସ**

ଡ.ରତିକାନ୍ତ ବେହେରା

**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**



ଭାଗ-୫

କେବଳ ଦୁଇଟି ମାତ୍ର ଟାବଲେଟ୍ ସକାଳେ। କାଳ ବିଳମ୍ବ ନ କରି ଅବିଳମ୍ବେ ତାହା ସେବନ କଲା ଜେନି।

"ତୁମେ ଯେତେ ବେଶି ସେଇ ଭାବନାରୁ ନିବୃତ୍ତ ରହିବ ଏବଂ ଦେହ ଚେତନାରୁ ଦୂରେଇ ଆସିବ, ତୁମକୁ ସେତିକି ଆରାମ ମିଳିବ। ଆଉ ଏତେ କଷ୍ଟ ଲାଗିବ ନାହିଁ। " ଡାକ୍ତରଙ୍କ ଏ ଉପଦେଶ ମନେ ଥିଲେ ବି ସହଜରେ ସେ ସେହି ଭାବନା ଭିତରୁ ନିଜକୁ ଦୂରେଇ ଆଣିପାରୁ ନ ଥିଲା ଜେନି।

ଜେନି ଏ କଥା ଜାଣିଛି ଯେ କୌଣସି କାମରେ ବୁଡ଼ି ରହିଲେ ବରଂ ଟିକେ ଆରାମ ଲାଗୁଛି। କିନ୍ତୁ ପଢ଼ାପଢ଼ିରେ ଏତେ ବେଶି ନୁହେଁ।

ତେବେ ଏଇକ୍ଷଣି କ'ଣ କରାଯାଇ ପାରେ ? ନିଜକୁ ନିଜର ମନ ଓ ଚେତନାକୁ କିପରି ବାନ୍ଧି ରଖାଯାଇ ପାରିବ ?

ଜେନି ବ୍ୟାଗ୍ ଖୋଲି ଡାଏରୀ ବାହାର କଲା ଏବଂ ଲେଖି ବସିଲା ପୁରୀରେ ପହଞ୍ଚିବାର ଅନୁଭୂତି ଗୁଡ଼ିକ। ରାଜାରାଣୀ ମନ୍ଦିର, ଧଉଳି ପାହାଡ଼ ଓ ସାକ୍ଷୀ ଗୋପାଳର ପଇଡ଼ ଦୋକାନ। ଏ ସବୁ ଗୁଡ଼ିକରୁ ମିଳିଥିବା ଅନୁଭବ ତା' ଜୀବନ ପାଇଁ ଥିଲା ବି ଗୋଟେ ଗୋଟେ ନିଆରା ଅନୁଭବ।

ମଧ୍ୟାହ୍ନଭୋଜନ ନିମନ୍ତେ ବେଶିଦୂର ଯିବାକୁ ହେଲାନାହିଁ ଜେନିକୁ। ଏଠି ଚାରିଆଡ଼େ ହୋଟେଲ୍। ସାନ ହୋଟେଲ୍‌ଠାରୁ ଆରମ୍ଭ କରି ପଞ୍ଚତାରକା ପର୍ଯ୍ୟନ୍ତ। ତା' ସାଙ୍ଗକୁ ହରେକ ଜିନିଷର ଦୋକାନ ସବୁ ସଜା ହୋଇଛି। କେଡ଼େ ମନୋରମ ଶୈଳୀରେ, ଯାହା ସେ କାଲି ଏଠାକୁ ଆସିଲା ବେଳେ ହିଁ ଲକ୍ଷ୍ୟ କରିଛି। ବେଶି ସ୍ପାଇସ୍ ବା ମସଲାଯୁକ୍ତ ଓ ଆମିଷ ଜେନିକୁ ନିଷେଧ କରାଯାଇଛି। ଏଣୁ ଗୋଟେ ସାନ ହୋଟେଲ୍‌ରେ ଭାତ ଡାଲମା ଓ ସନ୍ତୁଳା ଖାଇ ଫେରି ଆସିଲା ସେ। ଖୁବ୍ ବେଶି ସନ୍ତୋଷ ମିଳିଲା ନାହିଁ ସେ ଖାଦ୍ୟରେ। ତେବେ ଚଳିଗଲା।

ଭାବିଲା ଦ୍ୱିପ୍ରହର ବେଳଟା ଟିକେ ଶୋଇଗଲେ ଅନ୍ତତଃ ଭଲ ଲାଗିବ। ଦେହ ମନର ଅଶ୍ୱସ୍ତି କଟିଯିବ। କିନ୍ତୁ ନା, ଟିକେ ବି ନିଦ ଆସିଲା ନାହିଁ ଆଖିକୁ। ପାର୍ଶ୍ୱ ପରିବର୍ତ୍ତନ କରି ସମୁଦ୍ର ଦିଗରେ ଥିବା ଝର୍କା ଆଡ଼କୁ ମୁଣ୍ଡ ରଖି ଶୋଇବାକୁ ଚେଷ୍ଟା କରିବି ବିଫଳ ହେଲା ସେ।

ବାହାରେ ପ୍ରଚଣ୍ଡ ଗରମ ସତ୍ତ୍ୱେ ଜେନି ଏ.ସି. ଦେଲା ନାହିଁ। ସମୁଦ୍ର ଆଡୁ ବୋହି ଆସୁଥିବା ଥଣ୍ଡା ପବନ ଏମିତିରେ ଦେହକୁ ଭାରି ଭଲ ଲାଗୁଥିଲା, ଲହୁଣୀ ମାଖିବା ପରି। ଆଖିବୁଜି ପଡ଼ିରହି ଶୁଣିଲା ସମୁଦ୍ରର ଗର୍ଜନ। ମଝିରେ ମଝିରେ ଉଠି ଯାଉଥିଲା ବାଲ୍‌କୋନିକୁ। ସେଠି ଚେୟାର୍ ଉପରେ ବସି ସମୁଦ୍ରକୁ ଦେଖୁ ଦେଖୁ ତନ୍ମୟ ହୋଇ ଯାଉଥିଲା।

ହଠାତ୍ ସେହି ମୁହୂର୍ତ୍ତରେ ଭାବି ବସିଲା ଜେନି, ସେ ଯେଉଁ ଦୁରାରୋଗ୍ୟର ଶିକାର ହୋଇଛି, ସେଥିରେ ତା'ର ମୃତ୍ୟୁ ସୁନିଶ୍ଚିତ। ଯଦି ସେ ଏଇ ମୁହୂର୍ତ୍ତରେ ସମୁଦ୍ର ଭିତରକୁ ଝାସ ଦିଅନ୍ତା, ବୋଧହୁଏ ସବୁ ଦାହ ଓ ଦହନରୁ, କଷ୍ଟ ଓ ଯନ୍ତ୍ରଣାରୁ ନିମିଷକେ ମୁକ୍ତି ପାଇ ଯାଆନ୍ତା ! ସମୁଦ୍ରର ଏ ଉତ୍ତାଳ ତରଙ୍ଗମାଳା ତାକୁ ନିବିଡ଼ ଆଶ୍ଳେଷରେ ଆଲିଙ୍ଗନ କରି ନିଅନ୍ତା। ସବୁ କିଛିର ହୋଇ ଯାଆନ୍ତା ସମାପ୍ତି। ହେଲେ ରଥାରୂଢ଼ ଜଗନ୍ନାଥଙ୍କୁ ଦେଖିବା ଆଉ ସଂଭବ ହୁଅନ୍ତା ନାହିଁ।

କିନ୍ତୁ ଏ ପ୍ରଚଣ୍ଡ ମଧ୍ୟାହ୍ନରେ ବି ସମୁଦ୍ରକୂଳ ତଥାପି ଅଶାନ୍ତ ଓ ଗହଳିରେ ପରିପୂର୍ଣ୍ଣ। ସକାଳ ପରି ଏବେ ବି ଓଟ ଦୁଇଟି ଦୃଶ୍ୟ ହେଉଛନ୍ତି। କିନ୍ତୁ ସ୍ଥିର ଓ ଅବିଚଳିତ ଭାବେ ଛିଡ଼ା ହୋଇ ଚକି ବୁଲିଲା ପରି ପାକୁଳି କରୁଛନ୍ତି। ଏତଦ୍‌ଭିନ୍ନ ଆଉ କୌଣସି ପ୍ରୀତିକର ଦୃଶ୍ୟ ନାହିଁ ସେଠି, ଯାହାକୁ ଅବଲୋକନ କରୁ କରୁ ଅନ୍ତତଃ ନିଜକୁ କିଛି ସମୟ ଭୁଲେଇ ରଖି ପାରନ୍ତା ଜେନି !

ଏ କଥା ସତ ଯେ, ଜେନି ଆଉ ଅଳ୍ପ କେଇଟା ଦିନମାତ୍ର ବଞ୍ଚିବ ଜୀବନରେ । ଲଣ୍ଡନର ନାମକରା ଖ୍ୟାତିସଂପନ୍ନ କ୍ୟାନସର୍ ବିଶେଷଜ୍ଞ ଡାକ୍ତର ରିଚାର୍ଡସନ୍ ଶେଷବାଣୀ ଶୁଣେଇ ଦେଇଛନ୍ତି- "ଏଥିରୁ ତୁମେ ଆଉ ମୁକୁଳି ପାରିବ ନାହିଁ ଜେନି। ତୁମ ହାତରେ ଆଉ ମାତ୍ର ଦୁଇମାସ ଅଛି। ତୁମର ଚିନ୍ତା ଓ ଚେତନାକୁ ତା' କବଳରୁ ମୁକ୍ତ ରଖି ପାରିଲେ କିଛିଟା ଯନ୍ତ୍ରଣା ଲାଘବ ହେବ। ଏଥିପାଇଁ ସ୍ଥାନ ପରିବର୍ତ୍ତନ, ଆଧ୍ୟାତ୍ମିକ ଭାବନା ଓ ଭଲ ପୁସ୍ତକ ଅଧ୍ୟୟନରେ ଅଧିକ ସମୟ ମନୋନିବେଶ କର।"

ମନ ଓ ଚେତନାକୁ କ୍ଷତ ଏବଂ ଯନ୍ତ୍ରଣାଠାରୁ ବିମୁକ୍ତ କରିବା ଆଦୌ ସଂଭବ ନୁହେଁ। ଏକଥା ଖୁବ ଭଲ ଭାବେ ହୃଦୟଙ୍ଗମ କରି ସାରିଲାଣି ଜେନି। କିନ୍ତୁ ତା'ର ବିସ୍ତୃତ ଅଧ୍ୟୟନ ଭିତରୁ ସେ ଜାଣିଥିଲା ଯେ, ଭାରତ ଏକ ମୁନିଋଷିର ଦେଶ। ସେଇମାନେ ଚିତ୍ତବୃତ୍ତି ନିରୋଧ କଥା ହିଁ କହିଥାନ୍ତି। ଠିକ୍ ଅନୁରୂପ କଥାଟି କହିଛନ୍ତି ଡାକ୍ତର ରିଚାର୍ଡସନ୍। ବିଶ୍ୱର ଏକ ମହାନ ଆଧ୍ୟାତ୍ମିକ ଭୂମି ହେଉଛି ଭାରତ। ଏଣୁ ସେତେବେଳେ ସେହି ମୁହୂର୍ତ୍ତରେ ଜେନିର ଚେତନାରେ ଯେଉଁ ଦେଶ ବା ଯେଉଁ ସ୍ଥାନଟି ଉଦ୍‌ଭାସିତ ହୋଇଥିଲା, ତାହାଥିଲା ଭାରତ, ପୁଣି ଜଗନ୍ନାଥଧାମ ପୁରୀ। ସେଠି ଜଗନ୍ନାଥଙ୍କୁ ରଥାରୂଢ଼ ଅବସ୍ଥାରେ ଦର୍ଶନ କରି, ସେହିଠାରେ ହୁଏତ ଶେଷ ନିଶ୍ୱାସ ତ୍ୟାଗ କରିପାରେ ବୋଲି ସିଦ୍ଧାନ୍ତ ନେଇଥିଲା ।

ସେହି ଉଦ୍ଦେଶ୍ୟରେ ରଥଯାତ୍ରା ଦେଖିବା ଓ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବା ହିଁ ତା'ର ଏକମାତ୍ର ଉଦ୍ଦେଶ୍ୟ। ଆନନ୍ଦ କହୁଥିଲା, ଜୁନ୍ ତିରିଶ ତାରିଖରେ ଏ ବର୍ଷ ହେବ ରଥଯାତ୍ରା। ଏବେ ତ ମଇ ମାସ ଦ୍ୱିତୀୟ ସପ୍ତାହ। ଆଜି ଦଶ ତାରିଖ। କ'ଣ ସେ ଏତେ ଦିନ ଜୀବିତ ରହି ପାରିବ ? ଏବେ ତ ଦେହ ମନରେ ଯାହା କଷ୍ଟ ଓ ଯନ୍ତ୍ରଣା ହେଉଛି, ଇଚ୍ଛା ହେଉଛି ପୁରୀର ଏଇ ମହୋଦଧିରେ ଲୀନ କରିଦିଅନ୍ତା ନିଜକୁ !

ଆଉ ଅଧିକ କିଛି ଏ ସଂପର୍କରେ ଭାବିଲା ନାହିଁ ଜେନି। ସେଥିରୁ ନିଜକୁ ନିବୃତ୍ତ କରି ଫୋନ୍ ଲଗେଇଲା ଆନନ୍ଦକୁ, ଏଥର ଫୋନ୍ ଲାଗିଲା। ଜେନି ପଚାରିଲା-

"ଆପଣଙ୍କର ଯଦି ଅନ୍ୟ କୌଣସି କାର୍ଯ୍ୟର ଝିଞ୍ଚଟ ବା ତାଡ଼ନା ନଥାଏ, ତାହାଲେ ସଂଧ୍ୟା ପାଞ୍ଚଟା ସୁଦ୍ଧା ହୋଟେଲ୍‌ରେ ପହଞ୍ଚି ପାରିବେ ?" ବଡ଼ କରୁଣ ଶୁଣାଯାଉଥିଲା ଜେନିର ସ୍ୱର।

"ଠିକ୍ ଅଛି। ସଂଧ୍ୟା ପାଞ୍ଚଟା ସୁଦ୍ଧା ମୁଁ ଆପଣଙ୍କୁ ସେହି ନିର୍ଦ୍ଧାରିତ ହୋଟେଲ୍‌ରେ ଦେଖା କରିବି ?"- ସେପଟୁ ଆନନ୍ଦ ଫୋନ୍‌ରେ କହିଲା।

"ଅପେକ୍ଷାରେ ଥିବି।"- ଆଶ୍ୱସ୍ତ ହେଲା ଜେନି।

ଖୁସି ହେଲା ଆନନ୍ଦ। ଜେନି ତା'ର ସହଯୋଗ କାମନା କରୁଛି।

ଜେନି ଫେରିଆସିଲା ନିଜ ଭାବନା ଭିତରକୁ। ସାମ୍ନାରେ ଆଖିର ବଳୟ ଭିତରେ, କ'ଣ ବା ଆକର୍ଷଣୀୟ ଚିଜ ଅଛି- ଯାହାକୁ ଦେଖୁଦେଖୁ ସେ ବିସ୍ମରି ଯିବ ଅନ୍ତତଃ କିଛିକ୍ଷଣ ଯନ୍ତ୍ରଣାକୁ ? ଜୀବନଟା ତ ଏବେ ତାକୁ କେମିତି ପିତା ଲାଗିଲାଣି। କାକୁସ୍ଥ ହୋଇ ସେ ଜୀବନ ସାମ୍ନାରେ ଛିଡ଼ା ହୋଇ ମେଲାଣି ମାଗୁଛି।

ଝର୍କା ଦେଇ ସାମ୍ନାରେ ଦୃଶ୍ୟ ହେଉଛି ସମୁଦ୍ର, ଆଖି ପାଇବା ଯାକେ। କୂଳରେ ହାଉଜାଉ ହେଉଛନ୍ତି ଦଳେ ଲୋକ। ସେମାନଙ୍କର ହୁଏତ ତା' ପରି କିଛି ଯନ୍ତ୍ରଣା ନଥିବ। ଏଥିପାଇଁ ମନରେ ଈର୍ଷା ଆସୁନାହିଁ। ଖୁସି ହେଉଛି ଜେନି। ଜୀବନ ବଞ୍ଚିବାର ଧାରାରେ କେଉଁଠି ଯେମିତି କିଛି ଗଡ଼ବଡ଼ ରହିଯାଇଛି, ଯାହାର ପରିଣାମ ତାକୁ ଆଜି ହିଁ ଭୋଗିବାକୁ ପଡୁଛି। ଭାରତୀୟମାନେ ପୁନର୍ଜନ୍ମର ବିଶ୍ୱାସ କରନ୍ତି। ପୃଥିବୀର ଅନ୍ୟାନ୍ୟ ଅନେକ ଦେଶରେ କେହି କେହି ମଧ୍ୟ ପୁନର୍ଜନ୍ମ କଥା ହିଁ ବିଶ୍ୱାସ କରନ୍ତି। ଅତୀତରେ ଏ କଥାକୁ ସେ ଆଦୌ ହିଁ ବିଶ୍ୱାସ କରୁନଥିଲା। କ୍ରମେ ଏ କଥାଟି ଉପରେ ତା'ର ଦୃଢ଼ବିଶ୍ୱାସ ହେଲାଣି ଯେ ପୁନର୍ଜନ୍ମ ସଂଭବ। ସେ ଯଦି ଭାରତରେ ଦେହତ୍ୟାଗ କରେ, ତାହାଲେ ଏଇଠି ହିଁ ଜନ୍ମିବ। ସେହି ମୁହୂର୍ତ୍ତରେ ଜେନି ନିଜକୁ ଭାରତୀୟ ମନେକଲା। ଏବେ ସେ ଭାରତୀୟ, ପୁଣି ପୁରୀର ଅଧିବାସୀ। ତେଣୁ ତା'ର ମଧ୍ୟ ପୁନର୍ଜନ୍ମ ହେବ, ଇଂଲଣ୍ଡରେ ନୁହେଁ, ଏଇ ପୁରୀରେ।

ଏମିତି ସବୁ ଭାବିବାରେ ଜେନି ଖୁବ୍ ଆନନ୍ଦିତ ହେଲା ଏବଂ ଖଟ ଉପରୁ ଓହ୍ଲେଇ ଆସି ବ୍ୟାଗ ଅଣ୍ଡାଳି ପକାଇଲା। ଭାରତ ଆସିବା ପୂର୍ବରୁ ସେ ଲଣ୍ଡନର ବିଖ୍ୟାତ ବହି ଦୋକାନ 'ଜେନିଫୋର୍ ବୁକ୍‌ମାର୍ଟ୍'ରୁ କିଣି ଆଣିଥିଲା ଦୁଇଖଣ୍ଡ ବହି। 'ଶ୍ରୀମଦ୍‌ଭଗବତ୍ ଗୀତା' ଓ ରବୀନ୍ଦ୍ର ନାଥଙ୍କ 'ଗୀତାଞ୍ଜଳି'ର ଇଂରାଜୀ ସଂସ୍କରଣ।

ବ୍ୟାଗ ଭିତରୁ ପାଇଗଲା ଗୀତାଟିକୁ। ଫ୍ଲାଇଟ୍‌ରେ ବାରମ୍ବାର ଏହାର ପତ୍ର ଗୁଡ଼ିକ ଲେଉଟାଇ ମଝିରୁ ମଝିରୁ ପଢ଼ିଥିଲା ଗୋଟେ ଗୋଟେ ଶ୍ଳୋକ ଏବଂ ତା'ର ବ୍ୟାଖ୍ୟାଗୁଡ଼ିକୁ ବୁଝିବାକୁ ଚେଷ୍ଟା କରୁଥିଲା। ଏମିତି ପୁନର୍ଜନ୍ମ ସଂପର୍କରେ ଶ୍ଳୋକଟିଏ ଥିବା ପରି ତା'ର ମନେ ହେଲା। ହଠାତ୍ ସେହି ଶ୍ଳୋକଟିକୁ ଅଚିରେ, ବିଶେଷ ଘଣ୍ଟା ଚକଟା ନ କରି ପାଇଗଲା ଜେନି ଏବଂ ଅନୁଚ୍ଚ ସ୍ୱରରେ ପଢିବାକୁ ଲାଗିଲା-

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନୀ ଗୃହଣାତି ନରୋଽପରାଣି।
ତଥା ଶରୀରାଣୀ ବିହାୟ ଜୀର୍ଣ୍ଣାନି
ଅନ୍ୟାନି ସଂଯାତି ନବାନି ଦେହୀ।"

ପୋଷାକ ବଦଳେଇଲା ପରି କଥା। କେଡ଼େ ସହଜ ଏ କଥାଟି ! କିନ୍ତୁ ସେ ଏଥିପାଇଁ ଏତେ କାତର ହୁଏ କାହିଁକି ? ଭାରି ସଂବେଦନଶୀଳ ହୋଇ ପଡୁଛି ସେ ନଶ୍ୱର ଜୀବନକୁ ନେଇ। ତେବେ କ'ଣ ପାଇଁ ଓ କାହିଁକି ? କିଛି କୂଳକିନାରା ପାଉନଥିଲା ଜେନି। ଏଡ଼େ ବଡ଼ ସହଜ ଓ ଗଭୀର କଥାଟିରେ ବଡ଼ ଧନ୍ଦି ହୋଇଗଲା ସେ। ଆଉ ସେହି ଧନ୍ଦି ହେବା ଭିତରେ ଦେହ ଚେତନା ଭୁଲିଗଲା। ଭୁଲିଗଲା ବି କଷ୍ଟ ଓ ଯନ୍ତ୍ରଣାକୁ।

ଏଥିରୁ ସେ ଗୋଟେ କଥା ଉପଲବ୍ଧି କଲା, ଏମିତି ଧନ୍ଦିହେବା ବରଂ ଭଲ।

ୟା' ଭିତରେ କେତେବେଳେ ତାକୁ ନିଦ ହୋଇଗଲା, ସେ ଜାଣି ପାରିଲା ନାହିଁ। ସମ୍ପୂର୍ଣ୍ଣ ସମ୍ମୋହିତ ଅବସ୍ଥା ଅଥବା ନିଦ୍ରା ଅଭିଭୂତ ଅବସ୍ଥାରେ ଥିଲା ସେ। ଠିକ୍ ଚେତନା ବିଲୁପ୍ତିର ପୂର୍ବାବସ୍ଥା ।

ଦ୍ୱାରରେ କିଏ କରାଘାତ କରୁଛି, ଥରେ ନୁହେଁ ବାରମ୍ବାର ଆଘାତଟି ଶୁଭୁଛି ଖୁବ୍ ଦୂରରୁ ଏବଂ ଗଭୀରତାରୁ। ଜେନିକୁ ଲାଗୁଛି, ହଜାର ହଜାର ମାଇଲ୍ ଦୂରରୁ ଆସୁଛି ସେ ଶବ୍ଦ, ଟେମସ୍ ନଦୀକୂଳରେ ଥିବା ତା'ର ଘର ଭିତରୁ। ଡେଭିଡ୍ ବାହାରେ ଛିଡ଼ା ହୋଇଛି ଏବଂ ଆଘାତ କରି ଚାଲିଛି ନିରନ୍ତର ତା'ର ଶୋଇବା କୋଠରିର କବାଟକୁ।

କିନ୍ତୁ ପରକ୍ଷଣରେ ସେ ଅନୁଭବ କଲା ଶବ୍ଦଟି ଆସୁଛି ତା' ହୃତପିଣ୍ଡର ସ୍ପନ୍ଦନ ଭିତରୁ। ଠକ୍-ଠକ୍, ଠକ୍-ଠକ୍, ଠକ୍-ଠକ୍। ଏବେ ସ୍ଥିର ଭାବେ ସେ କାନ ଡେରିଲା ଶବ୍ଦକୁ। ନାଃ, ଶବ୍ଦଟା ତା' ଭିତରୁ ଆସୁନାହିଁ। ଆସୁଛି ଦୁଆର ସେ ପାଖରୁ।

ମନେପଡ଼ିଲା ଆନନ୍ଦକୁ ସେ ଡାକିଥିଲା ତ ! ବୋଧହୁଏ ପାଞ୍ଚଟା ହୋଇଗଲାଣି। ଛାତି ଉପରେ ଗୀତାଟିର ସେହି ପୃଷ୍ଠା ସେମିତି ଖୋଲା ହୋଇ ରହିଛି।

ଗୀତାଟିକୁ ବନ୍ଦ କରି ବିଛଣା ଉପରେ ଯତ୍ନରେ ରଖି ଉଠି ଆସିଲା ଜେନି ଏବଂ କବାଟ ଖୋଲି ଦେଇ ତନ୍ଦ୍ରା ଜଡ଼ିତ ସ୍ୱରରେ କହିଲା- " ଆସ ଆନନ୍ଦ, ଆସ। ଏତେ ସମୟ ଧରି ମୁଁ ତୁମକୁ ହିଁ ପ୍ରତୀକ୍ଷା କରୁଥିଲି।"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଶାସ୍ତି : ଏକ ଅତ୍ୟାବଶ୍ୟକ ନିୟନ୍ତ୍ରଣ

ଡ଼. ମନୋଜ କୁମାର ମହାନ୍ତି

ଚାକିରୀ-ଜୀବନ ପଞ୍ଜୁରୀଆବଦ୍ଧ ସାରୀର ଜୀବନଭଳି। ଯେଉଁଠି ଏକ ନିର୍ଦ୍ଦିଷ୍ଟ ପରିସୀମା ନିର୍ଦ୍ଧାରିତ ହୋଇଥାଏ, ସେଠି ଉଡ଼ିବାପାଇଁ ଚାହିଁଲେବି ତାହା ଖୋଲା ଆକାଶ ପରି ଅନୁଭବ ହୁଏନି। ସରକାରୀ ଚାକିରୀ ଅପେକ୍ଷା ବେସରକାରୀ ସଂସ୍ଥାରେ ଆତ୍ମନିଯୁକ୍ତି ସତରେ ପଞ୍ଜୁରୀ ଆବଦ୍ଧପୂର୍ଣ୍ଣ ଯନ୍ତ୍ରଣା। ପେଟପାଟଣା ପାଇଁ ସରକାରୀ ହେଉକି ବେସରକାରୀ ବୃତ୍ତିରେ ନିୟୋଜିତ ହେବା ଉଭୟ ଆନନ୍ଦ ନିରାନନ୍ଦର ଫେଣ୍ଟାଫେଣ୍ଟି ଅନୁଭୂତି। ମୋ ଆତ୍ମନିଯୁକ୍ତିର କର୍ମକ୍ଷେତ୍ର ଗାଁ ଘରଠାରୁ ପ୍ରାୟ ପଚାଶ କିଲୋମିଟର ଦୂରରେ ଅବସ୍ଥିତ। ପ୍ରଥମ କେଇମାସ ଘରଠାରୁ ଦୁଇଚକିଆ ଗାଡ଼ିରେ ଯାତାୟତ ଅବଶ୍ୟ ଏକପ୍ରକାର ମନୋରଞ୍ଜନ ଥିଲା କିନ୍ତୁ ଗାଁଗହଳି କଂକ୍ରିଟ ଖାଲଢିପ ରାସ୍ତାରେ କ୍ରମାଗତ ଯାତାୟତ ଶାରିରୀକ ଅସୁସ୍ଥତା ଭଳି ସମସ୍ୟା ସୃଷ୍ଟିକରିବା ସ୍ୱାଭାବିକ ଘଟଣା। କେବଳ ଶାରିରୀକ ଅସୁସ୍ଥତା ନୁହେଁ, ଯନ୍ତ୍ରଣା ସହ ସମୟ ଅପଚୟ । ସେସବୁକୁ ଦୃଷ୍ଟିରେ ରଖି କର୍ମକ୍ଷେତ୍ର ନିକଟବର୍ତ୍ତୀ ସ୍ଥାନରେ ଭଡ଼ା ଆକାରରେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଘରକୁ ନେଲି। ଉଭୟ ଦୁଇଚକିଆ ଓ ଚାରିଚକିଆର ପାର୍କିଂ ବ୍ୟବସ୍ଥା। କିନ୍ତୁ ଉକ୍ତ ସ୍ଥାନରେ ମୂଷାଙ୍କ ଉପଦ୍ରବ ବିଷୟରେ ଅଜ୍ଞ ଥିବାରୁ ଚାରିଚକିଆ ଓ ଦୁଇଚକିଆ ଯାନବାହାନକୁ କିଛିଦିନ ବ୍ୟବହାର ନକରି ଗୋଟେ ସ୍ଥାନରେ ଥୋଇଦେଲାପରେ ସେଥିରେ ଧୂଳିମଳି ଜମିବା ସହ ଝିଟିପିଟି ଅସରପା ବୁଢିଆଣୀ ଭଳି କୀଟଙ୍କର ଆଡ୍ଡାସ୍ଥଳୀରେ ପରିଣତି ହେବା ଏକ ପୁରୁଣା ଘଟଣା। ସେମାନଙ୍କ ନେତାଭାବେ ଛୁଞ୍ଚୁତୁରା ଓ ମୂଷା ଏକଛତ୍ରବାଦ ଶାସନ ଚଳାନ୍ତି ସେକଥା ସେମାନଙ୍କ ମଳମୂତ୍ର ଦୁର୍ଗନ୍ଧ ସହ ଗାଡ଼ିରେ ମୂଲ୍ୟବାନ ତାର ସଂଯୋଗର ଖଣ୍ଡବିଖଣ୍ଡିତ କାର୍ଯ୍ୟକଳାପକୁ ମୁଁ ଅନୁଭବ କଲି। ତୀକ୍ଷୀଣ ଦାନ୍ତ ଓ ନଖ ପାଇଥିବା ଜୀବଟି କରିବବା କଣ ? ସେ ତା ରୂଚି ଅନୁସାରେ ଯାହା ଠିକ ଲାଗେ ତାହାହିଁ କରେ। କିନ୍ତୁ ବେଳେବେଳେ ଆମେ ଏତେ ସହଜରେ ବୁଝିପାରୁନା ଯେ ମୂଷା ଓ ଛୁଞ୍ଚୁତୁରା କାହିଁକି ଏଭଳି କାର୍ଯ୍ୟ କଳାପରେ ଲିପ୍ତରହି ମଣିଷର ମୂଲ୍ୟବାନ କାଗଜପତ୍ର ସହ ପୋଷାକ ଭଳି ଜିନିଷକୁ ନଷ୍ଟଭ୍ରଷ୍ଟ କରନ୍ତି ? ଗଣେଶଙ୍କ ବାହନରୂପେ ମୂଷିକ ପୂଜା-ଅର୍ଚ୍ଚନା ପାଉଥିବା ମୂଷାମାନଙ୍କର ସତରେ କଣ କିଛି ବୁଦ୍ଧିଶୁଦ୍ଧି ନାହିଁକି ! ଷଣ୍ଢ, ମୂଷା, ହଂସ, ପେଚା, ସିଂହ ଆଦି ପଶୁପକ୍ଷୀସମୂହ କେଉଁ ଦୃଷ୍ଟିକୋଣରୁ ଦେବାଦେବୀଙ୍କର ଏତେ ପ୍ରିୟ ? ଦେବା ଦେବୀଙ୍କ ପ୍ରିୟ ସାଜି ଆମ ଚତୁପାର୍ଶ୍ୱରେ ଅବସ୍ଥାନ କରୁଥିବା ପଶୁପକ୍ଷୀଙ୍କ ନିକଟରେ ନିଶ୍ଚିତରୂପେ କିଛିନା କିଛି ଦକ୍ଷତା ଦେଖିବାକୁ ମିଳେ। ଯଦି ଦକ୍ଷତା ଓ ବୁଦ୍ଧି ନଥାନ୍ତା ସତରେ କଣ ନିଜ ବସାକୁ ଏତେ ସୁନ୍ଦରଭାବେ ଗଢ଼ିପାରନ୍ତା ବାଇଚଢ଼େଇ ! ଆମମାନଙ୍କର ବୁଦ୍ଧିଶୁଦ୍ଧି ଥାଇ ଆମେ କେତେ କଣ କରିଚାଲିଛନ୍ତି ତାର ହିସାବ ନାହିଁ। ମଣିଷ ଓ ମୂଷା ଭିତରେ କିଛି ଅନ୍ତର ନାହିଁ। ଏକାପ୍ରକାର ସ୍ୱଭାବ ଓ ଆଚରଣ। ମୂଷା ନିଜ ପ୍ରାଣ ସୁରକ୍ଷିତ ରଖିବାପାଇଁ ଗାତରେ ନଚେତ ଅଳଆଭିଡ଼ରେ ଲୁଚିଯାଏ ପୁଣି ସୁଯୋଗ ଦେଖି କାଟିବା ଆରମ୍ଭ କରେ। ମଣିଷବି ସୁବିଧା ସୁଯୋଗ ଦେଖି ଅନ୍ୟକୁ ଚିତାକାଟେ, ଅସୁବିଧାରେ ପକାଏ, ହଇରାଣ ହରକତ କରେ। ଖୋଲାରେ ବୁଲୁଥିବା ମଣିଷର ଉଗ୍ରସ୍ୱଭାବ କଥା କିଏବା ନଜାଣିଛି। ମଣିଷର ଉଗ୍ରସ୍ୱଭାବକୁ ରୋକିବା ନିମନ୍ତେ ଯେମିତ ଦଣ୍ଡବିଧାନ କରାଯାଇଛି ଠିକ୍ ସେମିତି ମୂଷାଙ୍କ ଦାଉରୂ ନିଜ ଆସବାସ ତଥା ମୂଲ୍ୟବାନ ଜିନିଷପତ୍ରକୁ ସୁରକ୍ଷା କରିବାପାଇଁ ମୂଷା ଔଷଧ ଓ ଯନ୍ତାର ସୃଷ୍ଟି ଏକ ରକମର ମୂଷାକୁ ଉପଯୁକ୍ତ ଶାସ୍ତି ଦେବାପାଇଁ ଉଦ୍ଦିଷ୍ଟ। ଶାସ୍ତି କେବେ ମୃତ୍ୟଦଣ୍ଡ ପୁଣି କେବେ ଶାରିରୀକ କ୍ଳେଶ। ମୂଷାକୁ ଔଷଧ ଦେଇ ମାରିବା ଏକ ହିଂସାତ୍ମକ

ଆଚରଣ। ବିନା ଯନ୍ତାରେ ମୂଷାଙ୍କୁ ଧରିବା ଅସମ୍ଭବ। ତେଣୁ ଯନ୍ତାରେ ଥରେ ମୂଶାକୁ ଧରି ତାକୁ ଉପଯୁକ୍ତ ଶାସ୍ତି ଦେବା ଉଦ୍ଦେଶ୍ୟରେ ଯନ୍ତାଟିଏ କିଣି ରାତିରେ ଯନ୍ତାରେ କେକ ଦେଇ ରୋଷେଇଘର ଥାକରେ ରଖି ଶୋଇବା ଭିତରେ ମୂଷାଟି ଯନ୍ତାରେ ଆବଦ୍ଧ ହୋଇ ଛାଟିବାଡେଇ ହେବାର ଦୃଶ୍ୟ ଅତ୍ୟନ୍ତ ଆନନ୍ଦମୟ। ଜୀବପ୍ରତି ଦୟା ବିନୟର ପ୍ରତିଦାନକୁ ଯଦି ଜୀବଜନ୍ତୁ ସତରେ ବୁଝିପାରେନ୍ତି ତେବେ ମଣିଷ ତାକୁ ନିଜର କରି ରଖନ୍ତା। ଯଦି ମୂଷାଟିଏ କେବଳ ଖାଦ୍ୟ ଲକ୍ଷ୍ୟରେ ଘରକୁ ଆସନ୍ତା ତାହେଲେ ପ୍ରତିଦିନ ନଷ୍ଟ ହେଉଥିବା ଦି-ଚାରି ମୁଠା ଦେବାରେ କୌଣଷି ଦ୍ୱିଧା ଉପୁନ୍ନ ହୁଅନ୍ତାନାହିଁ। ଯନ୍ତାରେ ଆବଦ୍ଧ ମୂଷାଟି ପ୍ରତି ଯେତିକି ରାଗ ତାଠାରୁ ଯଥେଷ୍ଟ ଦୟା କିନ୍ତୁ କଥାରେ ଅଛି ଦୟା ସେଇମାନଙ୍କୁ କରାଯାଇଥାଏ ଯେଉଁମାନେ ଅନ୍ୟର ଅନିଷ୍ଟ କରିନଥାନ୍ତି।ମୋ ନିତ୍ୟକର୍ମ ସାରି କାର୍ଯ୍ୟାନୁଷ୍ଠାନକୁ ଯିବା ପୂର୍ବରୁ ଶୀତଦିନର ହାଲକା ଖରାରେ ଯନ୍ତାସହ ମୂଷାକୁ ଗୋଟେ ଡାଳରେ ଟଙ୍ଗେଇ ଦେଲି। ଚାହିଁଥିଲେ ତାକୁ ସେଇ ମୂହୂର୍ତ୍ତରେ ବାହାରେ ଛାଡ଼ି ଦେଇଥାନ୍ତି। କିନ୍ତୁ ତାକୁ ଶାସ୍ତିଦେବା ଉଦ୍ଦେଶ୍ୟରେ ଛଅଘଣ୍ଟା ଯନ୍ତାରେ ଆବଦ୍ଧ ରଖିବା କେତେଦୂର ଠିକ୍ କି ଭୂଲ୍ ମୋତେ ଜଣାନାହିଁ। ବେଳେବେଳେ ପଥଭ୍ରଷ୍ଟ ମଣିଷକୁ ଛାଟ ସହ ଅନୁଶାସନବି ଜରୁରୀ। ଉଭୟ ଛାଟ ଓ ଅନୁଶାସନ ଶରୀର ଓ ମନକୁ କଷ୍ଟ ଆଘାତ ଦେବା ସ୍ୱାଭାବିକ। ଶରୀରକୁ କଷ୍ଟ ଓ ଆଘାତ ଲାଗିଲେ ପରବର୍ତ୍ତୀ ସମୟରେ ମଣିଷ ସଚେତନ ହୁଏ। କରୁଥିବା କୁକର୍ମ ପ୍ରତି ବିମୂଖ ହୁଏ। ଜୀବନକୁ ଏକ ଉତ୍ତମ ମାର୍ଗରେ ପରିଚାଳିତ କରେ।

ସ୍ୱଇଚ୍ଛାରେ ସମ୍ପାଦନ କରାଯାଉଥିବା ପ୍ରତିଟି କର୍ମପାଇଁ ବ୍ୟକ୍ତି ଉତ୍ତରଦାୟୀ। ପ୍ରତିଟି ଅନିଷ୍ଟ ଓ ଅମଙ୍ଗଳ କାର୍ଯ୍ୟରେ ଲିପ୍ତ ପ୍ରାଣୀ ଦଣ୍ଡପାଇବା ଉଚିତ୍ । ସମସ୍ତଙ୍କୁ ସ୍ୱାଧୀନତା ମିଳିଛି ତା ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା। ଅନିଷ୍ଟ କରୁଥିବା ଜୀବକୁ ଯଦି ଛାଡ଼ି ଦିଆଯାଏ ତେବେ ତାର ପାଦୂର୍ଭାବ ଦିନକୁଦିନ ବଢି ଚାଲିବ। ଜୀବପ୍ରତି ଦୟା ଯେତିକି ଆବଶ୍ୟକ ତାପାଇଁ ଦଣ୍ଡବିଧାନ ମଧ ସେତିକି ଗ୍ରହଣୀୟ। ମଶାରୀକୁ ସାଇତିସୁଇତି ବାନ୍ଧିଲାପରେବି ଅନେକ ସମୟରେ ମଶା ପଶିବାକୁ ଉଦ୍ୟମ କରେ। ଯଦି ରକ୍ତପାନ କରିବା

ଲକ୍ଷ୍ୟରେ ମଶାର ସୃଷ୍ଟି ଓ ଜନ୍ମଗତ ଅଧିକାର ତେବେ ମଶାଙ୍କୁ ବିନାଶ କରିବା ମଣିଷରବି କର୍ତ୍ତବ୍ୟ। ମଣିଷ ଯେତେ ସଚେତନ ତଥା ସୁରକ୍ଷିତ ହେଲେବି ଜୀବଜନ୍ତୁଙ୍କ ଯନ୍ତ୍ରଣାରୁ ରକ୍ଷାପାଇବା ଅସମ୍ଭବ। ଆଜିର ମଣିଷ ମଶା ଓ ମୂଷଙ୍କ ଭଳି ଦିନକୁ ଦିନ ଅମାନିଆ, ଅବିବେକି ସହ ହିତାହିତ ଜ୍ଞାନ ଭୁଲି ଯେଉଁ କର୍ମରେ ଲିପ୍ତ ରହୁଛି ତାର ହିସାବ କିଏ କରିବ ? ସେଥିପାଇଁ ମଣିଷକୁ ପଥଭ୍ରଷ୍ଟରୁ ରୋକିବାପାଇଁ ଜେଲ ଓ ମୂଶାଙ୍କୁ ରୋକିବା ପାଇଁ ଯନ୍ତାରୂପକ ଶାସ୍ତି ଏକାନ୍ତ ପ୍ରୟୋଜନ।

♥ ଦର୍ଶନ ବିଭାଗୀୟ ମୁଖ୍ୟ
ବି. ଏନ୍. ଏମ୍.ଏ ମହାବିଦ୍ୟାଳୟ
ଭଦ୍ରକ, ମୋ:୮୮୯୫୩୪୧୦୩୩

# କବି ବ୍ରଜନାଥ ରଥଙ୍କୁ ନେଇ ଇଂ ପ୍ରଶାନ୍ତ କୁମାର ଦତ୍ତଙ୍କ ସ୍ମୃତି ତର୍ପଣ

## ସ୍ମୃତିର ଆଇନାରେ...





ସମୟ ୧୯୫୮ । ମୁଁ ଯେତେବେଳେ କଟକ ଇଂଜିନିଅରିଂ ସ୍କୁଲ୍‌ର ଛାତ୍ର । ଆଲଜିରିଆରେ ଗଣତନ୍ତ୍ର ସରକାର ପ୍ରତିଷ୍ଠା ପାଇଁ ପ୍ରବଳ ବିଦ୍ରୋହ ହେଉଥାଏ । ବିଦ୍ରୋହୀ ନାରୀକବି 'ଜାମିଲା' ଅଗ୍ନିବର୍ଷୀ କବିତା ଲେଖି ଫାସିଷ୍ଟ ସରକାରଙ୍କ ଦ୍ୱାରା ମୃତ୍ୟୁ ଦଣ୍ଡରେ ଦଣ୍ଡିତା ହେଲେ । ଏଥିରେ ବିବ୍ରତ ହୋଇ ସାରା ପୃଥିବୀରେ ବୁଦ୍ଧିଜୀବୀମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଓଡ଼ିଶାର ସେତେବେଳକାର ମାନବବାଦୀ ବିଦ୍ରୋହୀ କବି ବାଲେଶ୍ୱରର ବ୍ରଜନାଥ ରଥ ଏକ କବିତା ମାଧମରେ ପ୍ରତିବାଦ କରିଥିଲେ । ଏହି ଅଂଶଟି ମୋର କବିତା ଛପାଖାତାରେ ସେତେବେଳେ ଟିପି ରଖିଥିଲି। କବିତାର ଶୀର୍ଷକ ଥିଲା, "ହସି ଦିଏ ମୃତ୍ୟୁମୁଖୀ ଫୁଲ" :

ଏ ପାଖେ ଜୀବନ ସେ ପାଖେ ମୃତ୍ୟୁ / ଆଗରେ ମୃତ୍ୟୁ ଫଳକ ଝୁଲେ
ତୁମେ କେ ବାଳିକା ଅଗ୍ନି କଣିକା
ନବ ବିକଶିତ ରକ୍ତ କଳିକା
ବନ୍ଦୀଶାଳାର ଲୌହ ଶଳାକା
ଟଳିଟଳି ଆଜି ବଜ୍ର ବାହୁନେ
ଜଳିଜଳି ଆଜି ବହ୍ନି ଦହନେ
ହସୁଛ ମୃତ୍ୟୁ ସାଗର କୂଳେ
ଦୁଇପାଶେ ଦୁଇ ଶାଣିତ ଖଡ଼ଗ
ଆଗରେ ମୁକ୍ତି ଫଳକ ଝୁଲେ ।"
(ମାତୃଭୂମି / ୩୦.୦୩.୧୯୫୮)

ସାରା ପୃଥିବୀର ବୁଦ୍ଧିଜୀବୀମାନଙ୍କ ପ୍ରତିବାଦ ଫଳରେ ଆଲଜିରିଆର ଫାସିଷ୍ଟ ସରକାର ବାଧ ହୋଇ ଜମିଲାଙ୍କର ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କଲେ ।

ମୁଁ ପୁରୀ ସହରର ସ୍ଥାୟୀ ବାସିନ୍ଦା ହୋଇଥିବାରୁ ଓ ସେତେବେଳେ କଟକରେ ପଢୁ ଥିବାରୁ ବାଲେଶ୍ୱର ଆସି ନଥାଏ କିମ୍ବା ବ୍ରଜବାବୁଙ୍କ ସହ ପରିଚୟ ହୋଇନଥାଏ । ୧୯୫୯ ମଧଭାଗରେ ମୋର ପିତା ଡ.ପାଞ୍ଚୁଗୋପାଳ ଦତ୍ତ ବାଲେଶ୍ୱର ମୁନିସିପାଲଟିର ହେଲ୍‌ଥ ଅଫିସର ପଦବୀରେ ମୁକରୀର୍ ହେବାରୁ ବାଲେଶ୍ୱର ଆସି ଗୋପାଳଗାଁ ପେଙ୍କନା(ଦୁର୍ଗା ମିଷ୍ଟାନ୍ନଭଣ୍ଡାର ପ୍ରତିଷ୍ଠାତା) ଗୁଡ଼ିଆ ଘରେ ଉପରେ ରହିଲୁ । ବର୍ଷକ ପରେ ମୁଁ ୧୯୬୦ ଜୁନ୍ ୨୦ରେ ପୂର୍ତ୍ତ ବିଭାଗର ଓଭର୍‌ସିଅର୍ ପଦବିରେ ବାଲେଶ୍ୱରରେ ମୁକରୀର୍ ହେଲି ।

କଟକରେ ଛାତ୍ର ଅବସ୍ଥାରେ ବିଭିନ୍ନ ସାହିତ୍ୟ ଆଡ୍ଡାରେ ଯୋଗଦେଇ ମୁଁ ଆଡ୍ଡାବାଜ୍ ପାଲଟି ଯାଇଥାଏ । ବାଲେଶ୍ୱର ଆସିଲା ପରେ ଆଡ୍ଡା ସନ୍ଧାନରେ ଯାଇ ଦେଖିଲି ବ୍ରଜବାବୁଙ୍କ ସିନେମାଛକରେ ଥିବା ବିଶ୍ୱଶ୍ରୀ ପ୍ରେସ୍‌ରେ ସନ୍ଧ୍ୟା ଆଡ୍ଡା ଜମେ । ଏଠି ଗଙ୍ଗାରୁ ଗୋଦାବରୀ, ହିଟ୍‌ଲର୍‌ରୁ ହରେକୃଷ୍ଣ ମହତାବ୍, ଆଲଜରିଆରୁ ଜାପାନ ସବୁ କଥା ଆଲୋଚନା ହୁଏ । ଗୋଟାଏ ହାତଭଂଗା କାଠଚେୟାର ଓ ଅନୁରୂପ ଟେବୁଲ୍‌ର ଅପର ପାର୍ଶ୍ୱରେ ଦୁଇଟି ଟୁଲ୍ । ଭିତରପଟ ବଖରାରେ ଲକ୍ଷ୍ମଣ ବର୍ଦ୍ଧନ ଓ ଗୋଟିଏ ଛୋଟ ଟ୍ରେଡ଼ଲ୍ ଛାପା ମେସିନ୍ । ସନ୍ଧ୍ୟାବେଳେ ଋ' ଆଡ୍ଡା ଜମେ । ଆସନ୍ତି ପ୍ରହରାଜ ସତ୍ୟନାରାୟଣ, ଚଣ୍ଡୀ କର, ସନ୍ତୋଷ ଦାସ, ଶୁଭେନ୍ଦୁ ଦାସ, ଶରତ ଦାଶ, ସୁରେଶ ମହାନ୍ତି, ମୁଁ ଓ ଆହୁରି ଅନେକ । ୧୯୫୭ରେ ସେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ପ୍ରଥମଥର ପାଇଁ ବାଲେଶ୍ୱରରେ 'କୁମାରଉତ୍ସବ' ପାଳନ ଆରମ୍ଭ କଲେ, ଯାହାକି କଟକ କଳାବିକାଶ କେନ୍ଦ୍ର ପରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ କୁମାରୋତ୍ସବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା "ଇନ୍ଦ୍ରଧନୁ" ସଂସ୍ଥାକୁ ହସ୍ତାନ୍ତର କରନ୍ତେ ଏହା ଇନ୍ଦ୍ରଧନୁ ସଂସ୍ଥା ଦ୍ୱାରା ନିରବଚ୍ଛିନ୍ନ ଭାବରେ ପାଳିତ ହୋଇଆସୁଛି ।

ସେ ସାଧାରଣ ମଣିଷଙ୍କୁ ଭଲପାଉ ଥିବାରୁ ଏବଂ ଏଇମାନଙ୍କର କଥା ତାଙ୍କର କାବ୍ୟ କବିତାରେ ପ୍ରତିଫଳିତ ହେଉଥିବାରୁ ସାଧାରଣ ମଣିଷଙ୍କ ଠାରୁ ବୁଦ୍ଧିଜୀବୀମାନଙ୍କର ସେ ବହୁତ ପ୍ରିୟ ଥିଲେ। ୧୯୭୪-୮୦, ୧୯୮୩-୯୪ ଓ ୧୯୯୭-୨୦୦୦ ଏମିତି ଦୀର୍ଘ ୨୦ବର୍ଷ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ରହି ଓଡ଼ିଶାର ଏହି ଦ୍ୱିତୀୟ ବୃହତ୍ତମ ସାହିତ୍ୟ ସଂସ୍ଥାକୁ ସେ ବଞ୍ଚାଇ ରଖିଥିଲେ ।

୧୯୫୯ ପରେ ଅଳ୍ପଦିନ ଆଡ୍ଡାଧାରୀ ହେଲାପରେ ତାଙ୍କ ସହ ମୋ ସଂପର୍କ ନିବିଡ଼ ହେଲା । ୧୯୬୩ରେ ମୋର ସୁନହଟରେ ବିବାହ ହେବାବେଳେ ସେ ଓ ଶରତ ଦାଶ ବରଯାତ୍ରୀ ହୋଇଯାଇଥିଲେ । ଅନ୍ୟ ଯେଉଁମାନେ ଯାଇଥିଲେ ସେମାନେ ଆଉ ଇହଜଗତରେ ନାହାନ୍ତି ।

ତାଙ୍କ ଘରେ ମୋର ଅବାରିତ ଦ୍ୱାର ସେବେଠୁ। ତାଙ୍କ ପିଲାମାନେ ମୋତେ ଭକ୍ତି କରନ୍ତି । ତାଙ୍କ ସ୍ତ୍ରୀ ପୁଷ୍ପଭାଉଜ ମୋତେ ଅତ୍ୟଧିକ ସ୍ନେହ କରନ୍ତି । ଅଧୁନା ଫକୀରମୋହନ କଲେଜ ରୋଡ଼ରେ ଅବସ୍ଥିତ ତାଙ୍କର ବିଶ୍ୱଶ୍ରୀ ପ୍ରେସ୍ କାର୍ଯ୍ୟାଳୟ (୧୯୭୯), ସୁନହଟ୍‌ର ବର୍ତ୍ତମାନର ପକ୍କା ବାସଭବନ (୧୯୮୪-୮୮), ବାସଗୃହ ହତା ମଧ୍ୟରେ ଥିବା "ବିଶ୍ୱତାରା ପାଠାଗାର ଓ ଗବେଷଣା ପ୍ରତିଷ୍ଠାନ"(୨୦୦୭ରୁ ୦୯) ଭଳି ଅଟ୍ଟାଳିକାର ନକ୍ସା ଓ ନିର୍ମାଣ ସହ ମୁଁ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇ ପାରିବାକୁ ମୋର ସୌଭାଗ୍ୟ ମନେକରେ ।

ଦେହାନ୍ତରର ଦୁଇଦିନ ପୂର୍ବ ରାତିରେ (୨୯.୦୫.୧୪) ତାଙ୍କ ସହ ଶେଷ ଦେଖା। ନାକରେ ତା' ଆଗଦିନ ଅକ୍ସିଜେନ୍ ଲାଗି ଥିବାରୁ ଟିକେ ସତେଜ ଦିଶୁଥାଆନ୍ତି । ବଡ଼ପୁଅ ବ୍ୟୋମ ଓ ଅନ୍ୟସବୁ ପୁଅଝିଅ, ଭାଉଜ ଘେରି ବସିଥାନ୍ତି । ଆସିଲାବେଳେ ତାଙ୍କ ଖଟ ପାଖରେ ଠିଆ ହୋଇ କହିଲି, "ତୁମର ଏବେ ଯିବାର ନାହିଁ । ସେପଟେ ବହୁତ ଭିଡ଼ । ତମ ୭୫ବର୍ଷ ଡାଇମଣ୍ଡ ଜୁବୁଲିରେ ମୁଁ ଆସି ମାଛ, ଭାତ ଖାଇ ଯାଇଛି । ଆସନ୍ତାବର୍ଷ ମୋର ୭୫ବର୍ଷରେ ତୁମେ ମାଛ, ଭାତ ଖାଇବ । ତାଛଡ଼ା ମୋର କବିତାବହିର ମୁଖବନ୍ଧ ଏବେ ଲେଖିଦେଲ । ଛପା ହୋଇ ଆସିଲେ ଉନ୍ମୋଚନ କରିବ ।" ଶୁଣି ସତେଜ ମୁହଁରେ ସ୍ମିତ ହସି ଅସ୍ପଷ୍ଟ ଶବ୍ଦରେ ଖନେଇ ଖନେଇ କହିଲେ, "ତୁମ ତୁଣ୍ଡ ସତୁଣ୍ଡ ହଉ ।"

ବାସ୍ ଏହାହିଁ ତାଙ୍କ ସହ ଶେଷ କଥା । ♥

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଜାନୁଆରୀ ୨୦୨୬



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ମଧୁରୋକ୍ତି...( ୧୩ )

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଲଙ୍କିନୀର ଅନ୍ତ କରିସାରି ହନୁମାନ ପୁଣି ତୁମ ନାମ ନେଇ ଲଙ୍କା ଭିତରେ ପ୍ରବେଶ କରିଲେ। ଭବ୍ୟ ଲଙ୍କା ନଗରୀର ସୌନ୍ଦର୍ଯ୍ୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ମାତା ସୀତା କେଉଁଠି ଅଛନ୍ତି ଭାବି ସେ ବିଚଳିତ ହୋଇ ପଡୁଥିଲେ। ଲଙ୍କାରେ ଭୀଷଣ ତଥା କଦର୍ଯ୍ୟ ରୂପଧାରୀ ଅନେକ ନିଶାଚର ରାକ୍ଷସଙ୍କୁ ଦେଖି ସେ ମାତା କିପରି ଏହି ସ୍ଥାନରେ ରହିଥିବେ ଏହି କଥା ଭାବି ଦୁଃଖୀ ହୋଇ ଉଠୁଥିଲେ। ଚାରିଆଡ଼େ କେବଳ ଦାନବ ମାନଂକର ଅଟ୍ଟହାସ୍ୟ ସହିତ ବିକଟାଳ ରଡ଼ି ସଂପୂର୍ଣ୍ଣ ଲଙ୍କାକୁ ଭୟପୂର୍ଣ୍ଣ କରି ପକାଉଥିଲା। ପ୍ରାଚୂର୍ଯ୍ୟରେ ଭରା ଏହି ରାଜ୍ୟ ହନୁମାନଙ୍କ ହୃଦୟକୁ ଘୃଣାରେ ଭରି ଦେଉଥିଲା। କେଜାଣି ରାବଣ ମାତାଙ୍କୁ ନେଇ କେଉଁଠି ରଖିଥିବ ଆଉ ସେ କିପରି ମାତାଙ୍କୁ ଚିହ୍ନିବେ ସେହି କଥା ଭାବି ହନୁମାନ ବ୍ୟସ୍ତ ହେଉଥିଲେ। କିନ୍ତୁ ଯାହା ହୃଦୟରେ ତୁମର ଭକ୍ତିଭାବ ରହିଥାଏ ଆଉ ଯାହା ମୁଖରେ ତୁମ ନାମ ରହିଥାଏ ତା'ର ଫେରେ କେଉଁ ବିଷୟ ଚିନ୍ତା ହୋଇପାରେ ପ୍ରଭୁ...!!

ଲଙ୍କା ନଗରୀର ଭିଡ଼ଠାରୁ ଟିକେ ଦୂରରେ ହନୁମାନ ଦେଖିଲେ ଏକ କ୍ଷୁଦ୍ର ଭବନ ଅଛି ଯେଉଁଠାରେ ଏକ ତୁଳସୀ ଗଛ ଯତ୍ନରେ ରଖା ଯାଇଛି। ତୁଳସୀ ବୃକ୍ଷ ଶ୍ରୀହରିଙ୍କର ଅତିଶୟ ପ୍ରିୟ ହୋଇଥାଏ। ଯେତେବେଳେ ବୃନ୍ଦାରାଣୀଙ୍କ ସତୀତ୍ୱ ନିଜେ ଶ୍ରୀବିଷ୍ଣୁ ନଷ୍ଟ କରିଥିଲେ କାରଣ ସେ ପ୍ରବଳ ପ୍ରତାପୀ ଜଳନ୍ଧରର ପତ୍ନୀ ଥିଲା। ଆଉ ତାକୁ ସମ୍ମୁଖ ଯୁଦ୍ଧରେ ପରାସ୍ତ କରିବା କଦାପି ସମ୍ଭବ ନଥିଲା। ଜଳନ୍ଧରର ରକ୍ଷା କବଚ କେବଳ ତା ପତ୍ନୀର ସତୀତ୍ୱ ହିଁ ଥିଲା। ମହାଦେବଙ୍କ ସହ ଶତ୍ରୁତା କରି ମଧ୍ୟ ସେ ପରାସ୍ତ ହେଲାନି କାରଣ ସେ ନିଜେ ମହାଦେବଙ୍କ କ୍ରୋଧାଂଶ ଥିଲା। ଘଟଣାକ୍ରମରେ ବିଷ୍ଣୁ ବୃନ୍ଦାବତୀଙ୍କ ସନ୍ନିକଟ ଆସି ଯାଇଥିବା ପରେ ଅଭିଶାପ ପାଇଥିଲେ ପଥର ଖଣ୍ଡିଏ ହୋଇଯିବାକୁ। ଆଉ ବୃନ୍ଦାବତୀ ମଧ୍ୟ ଗଛ ହୋଇଯିବାକୁ ଅଭିଶାପ ପାଇଥିଲେ। କିନ୍ତୁ ଯୁଗ ଯୁଗ ଧରି ବିଷ୍ଣୁଶିଳା ଶାଳଗ୍ରାମ ତାଙ୍କର ଜୀବନ୍ତ ପ୍ରତିରୂପ ହୋଇ ଜଗତପୂଜ୍ୟ ହେଲା ବେଳେ ବୃନ୍ଦାବତୀ ତାଙ୍କର ଅତିଶୟ ପ୍ରିୟ ବୃକ୍ଷ ହୋଇ ପୂଜା ପାଇଲେ। ବିଷ୍ଣୁଙ୍କର ପ୍ରସାଦ ତୁଳସୀ ପତ୍ର ଅର୍ପଣ କରା ନଗଲେ ଭୋଗ ବୋଲି ଗଣା ହୁଏନି। ତୁଳସୀ ପୂଜନ ପ୍ରତ୍ୟେକ ବିଷ୍ଣୁ ଭକ୍ତଙ୍କର ଦୈନନ୍ଦିନ ପୂଜାବିଧିର ଏକ ଅଂଶ ବିଶେଷ। ଆଉ ସେହି ପବିତ୍ର ତୁଳସୀ ଗଛର ଉପସ୍ଥିତି ହିଁ ହନୁମାନଙ୍କୁ ସେହି ସ୍ଥାନ ପ୍ରତି ଆକୃଷ୍ଟ କରିଦେଲା।

ମନରେ ଟିକେ ଦ୍ୱନ୍ଦ ନେଇ ସେ ଏକ ବ୍ରାହ୍ମଣଙ୍କ ରୂପ ଧାରଣ କରି ସେହି ଭବନ ଭିତରେ ପ୍ରବେଶ କରି ଦେଖିଲେ ଜଣେ ସାଧୁ ପୁରୁଷ ପରି ଦେଖା ଯାଉଥିବା ସଜ୍ଜନ ବସି ଏକାଗ୍ର ଚିତ୍ତରେ ତୁମର ନାମ ଜପ କରୁଛନ୍ତି। ହନୁମାନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲାନି। ଲଙ୍କା ପରି ଏକ ଦୈତ୍ୟ ନଗରୀରେ ରାମ ନାମ ଶୁଣିବା ତାଙ୍କ ପାଇଁ ଏକ ଅଦ୍ଭୁତ ବିଷୟ ଥିଲା। ଧିରେ ଧିରେ ସେ ପାଖକୁ ଯାଇ ପଚାରି ବୁଝିଲେ ଯେ ସେହି ସାଧୁ ପ୍ରକୃତରେ ଲଙ୍କାପତି ରାବଣର ଛୋଟ ଭାଇ ବିଭୀଷଣ ଥିଲେ। ରାବଣର ପିତା ବିଶ୍ରବା ଋଷି ଏବଂ ମାତା କୈକେଶିଙ୍କର ସନ୍ତାନ ମାନଂକ ଭିତରେ ଅଦ୍ଭୁତ ଅସାମଞ୍ଜସ୍ୟ ଥିଲା। ରାବଣ ସମ୍ପୂର୍ଣ୍ଣ ଦାନବ ଅଂଶର ହୋଇଥିଲା ବେଳେ କୁମ୍ଭକର୍ଣ୍ଣ ଅଳ୍ପ ଦାନବ ଓ ଦେବ ଅଂଶର ଥିଲେ ଯେତେବେଳେ ବିଭୀଷଣ ସଂପୂର୍ଣ୍ଣ ଦେବ ଅଂଶର ମନୁଷ୍ୟ ଥିଲେ। ରାକ୍ଷସ କୂଳରେ ଜନ୍ମ ହୋଇ ମଧ୍ୟ ତାଙ୍କ ଭିତରେ ମଣିଷ ପଣିଆ ଭରି ରହିଥିଲା। ସେ ତୁମର ଭକ୍ତ ଥିଲେ। ରାମ ନାମ ଛଡା ଆଉ କିଛି ତାଙ୍କ ତୁଣ୍ଡରୁ ବାହାରୁ ନ ଥିଲା। ତାଙ୍କର କଥା ଶୁଣିବା ପରେ ହନୁମାନ ନିଜ ସରୁପକୁ ଆସିଥିଲେ। ବିଭୀଷଣ ମଧ୍ୟ ଏକ ଦୈବୀବାଣୀ ଅନୁସାରେ ହନୁମାନଙ୍କ ଆସିବା ସମୟର ପ୍ରତୀକ୍ଷାରେ ଥିଲେ।

ମାତା ସୀତାଙ୍କୁ ଖୋଜି ତୁମେ ଏତେ ଦୂର ଆସିଥିବା ଜାଣି ସେ ତୁମକୁ ତାଙ୍କ ସନ୍ଧାନ ଦେଇଥିଲେ। ରାବଣ ସୀତା ହରଣ କରିବା ତାଙ୍କୁ ଜମାରୁ ପସନ୍ଦ ନଥିଲା। ସେ ଏହାର ତୀବ୍ର ପ୍ରତିବାଦ କରିଥିଲେ। ଆଉ ମାତାଙ୍କୁ ସସମ୍ମାନେ ତୁମ ନିକଟକୁ ଫେରେଇ ଦେବାକୁ ଗୁହାରି ମଧ୍ୟ କରିଥିଲେ। ସୂର୍ପଣଖାର କଥା ଶୁଣି ରାବଣ ଯେତେବେଳେ ନାରୀ ହରଣ କରି ପ୍ରତିଶୋଧ ନେବାକୁ ମନ କରିଥିଲା ସେତେବେଳେ ବିଭୀଷଣ ବିରୋଧ କରିଥିଲେ। ଜଣେ ବୀର ହିସାବରେ ଏପରି ଘୃଣ୍ୟ କାର୍ଯ୍ୟରୁ ନିବୃତ ରହିବାକୁ ପ୍ରବର୍ତ୍ତାଇ ଥିଲେ। କିନ୍ତୁ ରାବଣ କାହା କଥା ନଶୁଣି ଏପରି ଅନର୍ଥ କରିବାରୁ ସେ ଭାଙ୍ଗି ପଡ଼ିଥିଲେ। କାରଣ ବିଭୀଷଣ ଜାଣିଥିଲେ ଯେ ତୁମେ ନିଜ ଧର୍ମପତ୍ନୀଙ୍କ ମୁକ୍ତି ପାଇଁ ନିଶ୍ଚୟ ଲଙ୍କା ଆସିବ ଆଉ ସେହିଦିନ ରାକ୍ଷସ କୁଳର ବିନାଶ ଘଟିବ। ଅବଶ୍ୟ ବିଧିର ବିଧାନ ଆଗରେ ସମସ୍ତେ ନାଚାର।

ଦୁଇ ରାମ ଭକ୍ତଙ୍କ ମହା ମିଳନ ପରେ ହନୁମାନ ବିଭୀଷଣଙ୍କଠାରୁ ସୀତା ମାତାଙ୍କ ସନ୍ଧାନ ନେଇ ତାଙ୍କୁ ଖୋଜିବାକୁ ରାବଣର ମହଲ ଭିତରକୁ ବାହାରି ଗଲେ।

ବିଭୀଷଣ କହିବା ଅନୁସାରେ ସୀତା ମାତା ରାବଣର ମହଲରେ ହିଁ କେଉଁଠି ବନ୍ଦୀ ହୋଇ ରହିଥିଲେ। ହନୁମାନ ତନ୍ନ ତନ୍ନ କରି ଚାରିଆଡ଼େ ଦେଖିବାକୁ ଲାଗିଲେ। ରାବଣର ପରିବାର ସଦସ୍ୟ ମାନଙ୍କୁ ମଧ୍ୟ ଅଳପେ ବହୁତେ ଦେଖିଲେ। ଆଉ ତା ପରେ ଯାଇ ପହଞ୍ଚିଲେ ଏକ ସୁରମ୍ୟ ଉଦ୍ୟାନ... ଅଶୋକ ବାଟିକାରେ...!!

ରାବଣ ମାତାଙ୍କୁ ହରଣ କରି ଆଣିବା ପରେ ଏହି ଅଶୋକ ବାଟିକାକୁ ନେଇ ଆସିଥିଲା। ସେ ଜାଣିଥିଲା ଯେ ତାଙ୍କ ଅନୁମତି ବିନା ସେ ଜମାରୁ ତାଙ୍କୁ ସ୍ପର୍ଶ ମଧ୍ୟ କରି ପାରିବ ନାହିଁ। ତଥାପି ସେ ଚେଷ୍ଟା କରିଥିଲା ଯେ ଡରେଇ ଧମକେଇ ସେ ମାତାଙ୍କୁ ବିବଶ କରିଦେବ। ମାତା ସେତିକିବେଳେ ତଳେ ପଡ଼ିଥିବା ଏକ ଶୁଖିଲା ଦୁବ ଉଠେଇ ସାମ୍ନାରେ ରଖିଦେଲେ ଆଉ କହିଲେ ରାମ ନାମ ନେଇ ରଖା ଯାଇଥିବା ସେହି ଶୁଖିଲା ଦୁବକୁ ଉଠେଇବା କ୍ଷମତା ମଧ୍ୟ ଦଶାନନ ପାଖରେ ନାହିଁ। ସତକୁ ସତ ରାବଣ ହାରି ଯାଇଥିଲା କିନ୍ତୁ ନିଜର ପରାଜୟ ସ୍ୱୀକାର କରିବାର ସତ୍ ସାହସ ତାର ନଥିଲା। ସେଇଥିପାଇଁ ସେ ନିଜର ଅନ୍ୟ ଅନୁଚର ମାନଙ୍କୁ ଲଗେଇ ଦେଲା କଳେ ବଳେ କୌଶଳେ ମାତାଙ୍କୁ ମନେଇ ତାକୁ ଗ୍ରହଣ କରିବାକୁ ବାଧ କରେଇ ଦେବେ। ଖାସ କରି ସେ ବିଶ୍ୱାସ କରୁଥିଲା ତାର ଅତି ପ୍ରିୟ ଅନୁଚରୀ ତ୍ରିଜଟା ଉପରେ। ତ୍ରିଜଟା ଭବିଷ୍ୟ ବିଷୟ ତା ସ୍ୱପ୍ନରେ ଦେଖି ପାରୁଥିଲା। ସୀତା ମାତାଙ୍କୁ ନିଜ କନ୍ୟା ବୋଲି ମନେକରି ତାଙ୍କ ପାଖରେ ବସି ସେ ରାବଣର ମନ୍ଦ ଉଦ୍ଦେଶ୍ୟ ଫଳବତୀ କରିବାକୁ ଚେଷ୍ଟା ଚଳେଇ ଥିଲା।

ହନୁମାନ ଦେଖିଲେ ସବୁବେଳେ ମାତାଙ୍କ ପାଖରେ ନିଶାଚରଗଣ ଘେରି ରହୁଥିଲେ। ସେ ଏଇୟା ମଧ୍ୟ ଦେଖିଲେ ଯେ ମାତା ପ୍ରତି ମୁହୂର୍ତ୍ତରେ କେବଳ ତୁମ ନାମ ନେଇ ଚାଲିଥିଲେ। ଆଉ ଅପେକ୍ଷା କରିଥିଲେ ଯେ କେବେ ତୁମେ ଆସିବ ଆଉ ତାଙ୍କୁ ଉଦ୍ଧାର କରିବ...!!

ହନୁମାନ ଅନେକ ସମୟ ଧରି ଅଶୋକ ଗଛ ଉପରେ ବସି ରହିଲେ ଏବଂ ଯେତେବେଳେ ରାକ୍ଷସ ମାନେ ଟିକେ ଦୂରେଇ ଗଲେ ସେତେବେଳେ ତୁମ ନାମ ଜପ କରିବାକୁ ଆରମ୍ଭ କଲେ। ମାତା ଆଶ୍ଚର୍ଯ୍ୟ ହୋଇଗଲେ। ରାବଣର ଅଶୋକ ବାଟିକା ଭିତରେ ରାମ ନାମର ଝଙ୍କାର କିପରି ସମ୍ଭବ ହେଲା ତାହା ଜାଣିବାକୁ ବ୍ୟାକୁଳ ହୋଇ ଉଠିଲେ ଏବଂ ବିନତି କଲେ ତାଙ୍କ ସାମ୍ନାରେ ପ୍ରକଟ ହେବାକୁ। ସେତେବେଳେ ରାମଦୂତ ହନୁମାନ ତାଙ୍କ ସାମ୍ନାରେ ନିଜ ସ୍ୱରୁପରେ ଆସି ମାତାଙ୍କୁ ତୁମେ ଦେଇଥିବା ନାମାଙ୍କିତ ମୁଦ୍ରିକା ଅର୍ପଣ କଲେ। ସେହି ମୁଦି ଦେଖି ମାତାଙ୍କ ଆଖି ଲୁହରେ ଛଳଛଳ ହୋଇଗଲା। ଆଉ ସେ ତୁମ ବିଷୟରେ ସବୁକିଛି ଜାଣିବାକୁ ଚାହିଁଲେ। ହନୁମାନ ନିଜ ପରିଚୟ ଦେବା ସହ ତୁମ ସହିତ ତାଙ୍କର ଭେଟ ବିଷୟ ସବୁ ବିସ୍ତାର ସହିତ କହିଲେ। ତା ସହିତ ବାଳୀ ବଧ ଏବଂ ସୁଗ୍ରୀବଙ୍କ ସହିତ ତୁମର ମିତ୍ରତା କଥା ମଧ୍ୟ ଜଣେଇ ଦେଲେ। ମାତାଙ୍କୁ ହନୁମାନ ବିନତି କଲେ ଯେ ସେ ତୁରନ୍ତ ତାଙ୍କ ସହିତ ବାହାରି ଆସନ୍ତୁ। ସେ ଲଙ୍କାରୁ ତାଙ୍କୁ ନେଇ ତୁମ ପାଖକୁ ଚାଲିଯିବେ। କିନ୍ତୁ ମାତା ମନା କରି ଦେଇଥିଲେ। ସେ କେବଳ ତୁମର ଆସିବା ବାଟକୁ ଚାହିଁ ବସିଥିଲେ। ରାବଣ ତାଙ୍କୁ ହରଣ କରି ଆଣି ଯେଉଁ ଅପମାନ ଦେଇଛି ସେଇଥିପାଇଁ ତାକୁ ମୃତ୍ୟୁଦଣ୍ଡ ଦେଇ ଧର୍ମର ଉଦ୍ଧାର କରିବାକୁ ତୁମକୁ ଆସିବାକୁ ହିଁ ପଡ଼ିବ ବୋଲି ସେ କହିଥିଲେ। ନିଜ ପତିଙ୍କ ବ୍ୟତିରେକ ସେ ଆଉ କାହା ସହିତ ଲଙ୍କାରୁ ଫେରି ଯିବେନି ବୋଲି ଜଣେଇ ଦେଲେ।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

## ଚେତନାର ଚୌହଦୀ



# ଶବ୍ଦର ପବିତ୍ରତା: ବନ୍ଦେ ମାତରମ୍

ଡ. ଗୋଲକ ବିହାରୀ ଆଚାର୍ଯ୍ୟ

ଶବ୍ଦଗୁଡ଼ିକ କେବଳ ଅର୍ଥ ବହନ କରୁଥିବା ନିର୍ଜୀବ ବସ୍ତୁ ନୁହଁନ୍ତି। ସେଗୁଡ଼ିକ ଜୀବନ୍ତ ଏବଂ ଶ୍ୱାସକ୍ରିୟା କରୁଥିବା ସତ୍ତା, ଯାହା ନିଜ ସୃଷ୍ଟିର ସମୟ ଓ ପରିସ୍ଥିତିକୁ ଗ୍ରହଣ କରିଥାଏ ଏବଂ ପରବର୍ତ୍ତୀ ସମୟର ଆଶଙ୍କାକୁ ପ୍ରକାଶ କରିଥାଏ। କୌଣସି ସାହିତ୍ୟିକ ରଚନା ଶୂନ୍ୟରେ ସୃଷ୍ଟି ହୁଏନାହିଁ ଏବଂ ଇତିହାସର କଠୋର ବାସ୍ତବତାରୁ ଜନ୍ମ ନେଇଥିବା କୌଣସି ଲେଖା ସମୟର ପ୍ରଭାବରୁ ମୁକ୍ତ ରହିପାରେ ନାହିଁ। କିନ୍ତୁ ବର୍ତ୍ତମାନ ଆମ ଆଲୋଚନାରେ ଏକ ବିପଜ୍ଜନକ ପ୍ରବୃତ୍ତି ଦେଖାଦେଇଛି: ଐତିହାସିକ ଲେଖାଗୁଡ଼ିକୁ ତାହାର ସାମଗ୍ରିକ ମର୍ଯ୍ୟାଦାରୁ ବିଚ୍ୟୁତ କରିବା ଏବଂ ବୁଝିବା ପରିବର୍ତ୍ତେ ପକ୍ଷପାତର ଛୁରୀରେ ଏହାର ଭାବାର୍ଥକୁ କାଟିବା। ଯେତେବେଳେ କୌଣସି ଶବ୍ଦର ଗୂଢ଼ ଅର୍ଥକୁ (connotative meaning) ଆଂଶିକ ଭାବରେ—ମୂଳ ପ୍ରସଙ୍ଗକୁ ଚାପିଦେଇ କେବଳ କିଛି ଅଂଶକୁ ବଢ଼େଇ ଚଢ଼େଇ—ଏବଂ 'ପବିତ୍ରତା' ବିନା ବିଚାର କରାଯାଏ, ତାହା ଆଉ ସାହିତ୍ୟିକ ବିଶ୍ଳେଷଣ ହୋଇ ରହେନାହିଁ। ବରଂ, ଏହା ଏକ ଅନୈତିକ ଏବଂ ଅବିବେକୀ ଲେଖାରେ ପରିଣତ ହୁଏ।

'ବନ୍ଦେ ମାତରମ୍'କୁ ନେଇ ଚାଲିଥିବା ଅସୀମ ବିତର୍କରେ ଏହି ନୈତିକ ସଙ୍କଟ ସବୁଠାରୁ ଅଧିକ ଦୃଶ୍ୟମାନ ହୁଏ। ରଚନାର ଦେଢ଼ ଶହ ବର୍ଷ ପରେ ମଧ୍ୟ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଦେଶମାତୃକା ପାଇଁ ଲେଖାଯାଇଥିବା ଏହି କବିତା ଭାରତୀୟ ଚେତନାର ଏକ କେନ୍ଦ୍ରବିନ୍ଦୁ ହୋଇ ରହିଛି। ତଥାପି, ଊନବିଂଶ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀ ମଧ୍ୟରେ ଯାତ୍ରା କରୁଥିବାବେଳେ ଆମକୁ ନିଜକୁ ପ୍ରଶ୍ନ କରିବାକୁ ପଡିବ: ଆମେ କ'ଣ ପ୍ରକୃତରେ ମୂଳ ଲେଖାକୁ ବୁଝୁଛୁ, ନା ଏହା ଉପରେ ଆମ ନିଜର କାଳ୍ପନିକ ଛାୟାକୁ ଲଦି ଦେଉଛୁ?

### ଇତିହାସର ଭାର

'ବନ୍ଦେ ମାତରମ୍' ପଢ଼ିବାର ନୈତିକତା ବୁଝିବା ପାଇଁ ପ୍ରଥମେ ଏହାର ଉତ୍ପତ୍ତିକୁ ସ୍ୱୀକାର କରିବାକୁ ହେବ। ୧୮୭୦ ଦଶକରେ ରଚିତ ଏବଂ ପରେ 'ଆନନ୍ଦମଠ' (୧୮୮୨) ଉପନ୍ୟାସରେ ସ୍ଥାନିତ ହୋଇଥିବା ଏହି କବିତା ଏମିତି ଏକ ସମୟରେ ଆସିଥିଲା, ଯେତେବେଳେ ଭାରତୀୟ ଜାତୀୟତାବାଦ ଶୈଶବ ଅବସ୍ଥାରେ ଥିଲା ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ସଂଘର୍ଷ କରୁଥିଲା। ଏହା ଦେଶର ମାଟିକୁ ଏକ ପାଳନକାରୀ, ପବିତ୍ର ଶକ୍ତି- ଏକ 'ମା'- ଭାବରେ ଆବାହନ କରିଥିଲା, ଯିଏ ତ୍ୟାଗ ଏବଂ ଭକ୍ତିର ଯୋଗ୍ୟ।

ସାହିତ୍ୟ ରାଜନୀତିରେ ପରିଣତ ହେବାକୁ ବେଶୀ ସମୟ ଲାଗିଲା ନାହିଁ। ଏହି ଗୀତ କାଳ୍ପନିକ ପୃଷ୍ଠାରୁ ବାହାରି ପ୍ରତିରୋଧର ମନ୍ତ୍ର ପାଲଟିଗଲା। ଫାଶୀ ଖୁଣ୍ଟକୁ ଯାଉଥିବା ବିପ୍ଳବୀଙ୍କ ଓଠରେ ଏବଂ ଜାତୀୟତାବାଦୀ ସଭାସମିତିର ଗର୍ଜନରେ ଏହା ପ୍ରତିଧ୍ୱନିତ ହେଉଥିଲା। ତେବେ, ୧୯୫୦ ମସିହାରେ ସମ୍ବିଧାନ ସଭା ଅତ୍ୟନ୍ତ ବୁଦ୍ଧିମତ୍ତାର ସହ 'ଜନ ଗଣ ମନ'କୁ ଜାତୀୟ ସଙ୍ଗୀତ (National Anthem) ଭାବେ ଗ୍ରହଣ କଲେ ଏବଂ 'ବନ୍ଦେ ମାତରମ୍'କୁ ଜାତୀୟ ଗୀତ (National Song)ର ମାନ୍ୟତା ଦେଲେ। ଏହି ବିଭାଜନ କୌଣସି ଅପମାନ ନଥିଲା; ବରଂ ଏହା ଥିଲା ଏକ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତୀକରଣର ନିଷ୍ପତ୍ତି, ଯାହା ଗୀତର ଐତିହାସିକ ଶକ୍ତିକୁ ସ୍ୱୀକାର କରିବା ସହ ଏକ ବହୁଳବାଦୀ ଗଣତନ୍ତ୍ର ପାଇଁ ଧର୍ମନିରପେକ୍ଷ ସଙ୍ଗୀତର ଆବଶ୍ୟକତାକୁ ମଧ୍ୟ ସମ୍ମାନ ଦେଇଥିଲା।

### ଅର୍ଥର ଜାଲ: ଭାବାର୍ଥ ବନାମ ପବିତ୍ରତା

ଆଜି 'ବନ୍ଦେ ମାତରମ୍' ସମ୍ମୁଖୀନ ହେଉଥିବା ମୁଖ୍ୟ ସଙ୍କଟ ଐତିହାସିକ ନୁହେଁ, ବରଂ ବ୍ୟାଖ୍ୟାଗତ। ଶାବ୍ଦିକ ଅର୍ଥରେ ଏହାର ମାନେ ହେଉଛି 'ମା, ମୁଁ ତୁମକୁ ପ୍ରଣାମ କରୁଛି।' କିନ୍ତୁ ସାହିତ୍ୟ, ବିଶେଷକରି କବିତା, କେବଳ ଶାବ୍ଦିକ ଅର୍ଥରେ ବଞ୍ଚେନାହିଁ। ଏହା 'ଭାବାର୍ଥ' (connotation)—ଶବ୍ଦଗୁଡ଼ିକ ବହନ କରୁଥିବା ସାଙ୍କେତିକ ଏବଂ ଆବେଗପୂର୍ଣ୍ଣ ଅନୁଭବ ଉପରେ ନିର୍ଭର କରେ।

ବିପଦ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଏହି ଭାବାର୍ଥଗୁଡ଼ିକୁ 'ପବିତ୍ରତା' ବିନା ବ୍ୟବହାର କରାଯାଏ। ସାହିତ୍ୟିକ ନୈତିକତାରେ, 'ପବିତ୍ରତା'ର ଅର୍ଥ ଧାର୍ମିକ ଭକ୍ତି ନୁହେଁ, ବରଂ ଏକ 'ବୌଦ୍ଧିକ ସଚ୍ଚୋଟତା' ଯାହା ମୂଳ ଲେଖାର ସାମଗ୍ରିକତାକୁ ସମ୍ମାନ ଦିଏ। ଯେତେବେଳେ ଆଜିର ସମାଲୋଚକମାନେ ଗୀତର ନିର୍ଦ୍ଦିଷ୍ଟ ଉପମାଗୁଡ଼ିକୁ ଊନବିଂଶ ଶତାବ୍ଦୀର ପୃଷ୍ଠଭୂମିରୁ ଅଲଗା କରି ଏକବିଂଶ ଶତାବ୍ଦୀର ରାଜନୈତିକ ଯୁଦ୍ଧରେ ଅସ୍ତ୍ର ଭାବେ ବ୍ୟବହାର କରନ୍ତି, ସେମାନେ ଏକପାଖିଆ ନୀତି ଅବଲମ୍ବନ କରନ୍ତି ଯାହା ଛଳନା ସଦୃଶ।

କୌଣସି ଲେଖାର ଅର୍ଥ ପାଠକ ଦ୍ୱାରା ହିଁ ପୂର୍ଣ୍ଣତା ପାଏ। କିନ୍ତୁ ଏହା ପାଠକଙ୍କୁ ଲେଖାଟିକୁ ବିକୃତ କରିବାର ଅବାଧ ଅଧିକାର ଦିଏନାହିଁ। ଯଦି କେହି କବିତାର କେବଳ ଗୋଟିଏ ଅଂଶକୁ ନେଇ ଏହାକୁ ବର୍ଜନୀୟ ବୋଲି ଦାବି କରନ୍ତି, କିମ୍ବା ଅନ୍ୟ ପକ୍ଷ କେବଳ ପ୍ରାରମ୍ଭିକ ଧାଡ଼ିକୁ ନେଇ ଏହାକୁ ସର୍ବଜନୀନ ବୋଲି ଦାବି କରନ୍ତି, ତେବେ ଉଭୟ ପକ୍ଷ ସମାନ ଅପରାଧ କରୁଛନ୍ତି: ତାହା ହେଲା 'ଆଂଶିକ ବ୍ୟାଖ୍ୟା'। ସେମାନେ ଲେଖାଟିକୁ ବୁଝିବା ପରିବର୍ତ୍ତେ ନିଜ ନିଜର ବିଚାରଧାରାକୁ ସିଦ୍ଧ କରିବା ପାଇଁ ଏକ ଖଣି ଭଳି ବ୍ୟବହାର କରୁଛନ୍ତି। ଏଭଳି ଲେଖା ଅବିବେକୀ, କାରଣ ସମାଲୋଚକର ମୂଳ କାମ ହେଲା ସତ୍ୟ ଉନ୍ମୋଚନ କରିବା, ତାକୁ ଘୋଡ଼ାଇ ରଖିବା ନୁହେଁ।

### କାଳଦୋଷ ଏବଂ ପଠନର ନୈତିକତା

ଆମକୁ ପରିବର୍ତ୍ତନର ବାସ୍ତବତାକୁ ମଧ୍ୟ ସ୍ୱୀକାର କରିବାକୁ ହେବ। ବଙ୍କିମଚନ୍ଦ୍ରଙ୍କ ସମୟର ଭାରତ ଏବଂ ଆଜିର ଭାରତ ଏକ ନୁହେଁ। ଭୌଗୋଳିକ ସୀମା ବଦଳିଛି, ଜନସଂଖ୍ୟା ଗଠନ ବଦଳିଛି ଏବଂ ଦେଶ ଏକ ସାମ୍ବିଧାନିକ ଗଣତନ୍ତ୍ରକୁ ଗ୍ରହଣ କରିଛି। ଆଧୁନିକ ରାଜନୈତିକ ମାନଦଣ୍ଡରେ ଭିକ୍ଟୋରିଆ ଯୁଗର ଏକ ବଙ୍ଗଳା କବିତାକୁ ତଉଲିବା 'କାଳଦୋଷ' (anachronism) ଅଟେ।

ଲେଖକଙ୍କ ଉଦ୍ଦେଶ୍ୟ ସମୟ ସ୍ରୋତରେ ହଜିଯାଇପାରେ; ଏପରିକି ଲେଖକ ନିଜେ ମଧ୍ୟ ବର୍ଷ ବର୍ଷ ପରେ ପ୍ରତିଟି ଧାଡ଼ିର ମୂଳ ଉଦ୍ଦେଶ୍ୟ ମନେ ପକାଇ ନ ପାରନ୍ତି। ତେଣୁ, ଏହାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଆମ ଉପରେ- ଯେଉଁମାନେ ଏହି ଲେଖାର ଉତ୍ତରାଧିକାରୀ। ୧୮୭୫ରେ ଲେଖାଯାଇଥିବା ଏକ କବିତା ୨୦୨୫ର ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଚିନ୍ତାଧାରା ସହ ପୂରା ମେଳ ଖାଇବ ବୋଲି ଦାବି କରିବା କ'ଣ ନୈତିକ ହେବ? ଅଥବା, ଏକ ବିବିଧତାପୂର୍ଣ୍ଣ ସମାଜରେ ଜାତୀୟତାବାଦର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଲଦିଦେବା ପାଇଁ ସେହି କବିତାକୁ ବ୍ୟବହାର କରିବା ଉଚିତ୍ କି?

ଉଭୟର ଉତ୍ତର ହେଉଛି 'ନା'। ଲେଖାର 'ପବିତ୍ରତା' ଏହାକୁ ଏକ ଐତିହାସିକ ଦଲିଲ ଭାବେ ଗ୍ରହଣ କରିବାରେ ନିହିତ—ଯାହା ନିଜ ସମୟର ଏକ ଉତ୍ପାଦ ଏବଂ ଏକ ଆନ୍ଦୋଳନକୁ ପ୍ରେରଣା ଦେଇଥିଲା। ଏହାକୁ ପଢ଼ିବା ପାଇଁ ଉଦାରତା ଏବଂ ସନ୍ଦର୍ଭର ଆବଶ୍ୟକତା ରହିଛି। ଯେତେବେଳେ ଆମେ କବିତାଟିର କେବଳ ବିବାଦୀୟ ଅଂଶକୁ ବଡ଼ କରି ଦେଖାଉ ଏବଂ ଏହାର ଏକତାବଦ୍ଧ କରିବାର ଭାବନାକୁ ଅଣଦେଖା କରୁ (କିମ୍ବା ଏହାର ବିପରୀତ କରୁ), ସେତେବେଳେ ଆମେ ଏହାର ମୂଲ୍ୟ ହ୍ରାସ କରୁ। ଆମେ ଏକ ସାଂସ୍କୃତିକ ସମ୍ପଦକୁ 'ରାଜନୈତିକ ଫୁଟବଲ'ରେ ପରିଣତ କରିଦେଉ।

### ଉପସଂହାର: ଏକ ସାମଗ୍ରିକ ଦୃଷ୍ଟିକୋଣ

'ବନ୍ଦେ ମାତରମ୍'କୁ ନେଇ ଚାଲିଥିବା ଟଣାଓଟରା ଆମ ବର୍ତ୍ତମାନର ବୌଦ୍ଧିକ ଅବସ୍ଥାର ଏକ ଦର୍ପଣ। ଏହା ଦର୍ଶାଉଛି ଯେ ଆମ ସମାଜ ଜଟିଳ ବିଷୟଗୁଡ଼ିକୁ ବୁଝିବାର କ୍ଷମତା ହରାଉଛି। ଆମେ ଇତିହାସର ଜଟିଳ ବାସ୍ତବତା ଅପେକ୍ଷା କେବଳ 'ଭଲ କିମ୍ବା ଖରାପ', 'ପବିତ୍ର କିମ୍ବା ଅପବିତ୍ର' ଭଳି ଦ୍ୱିପାକ୍ଷିକ ବ୍ୟାଖ୍ୟାରେ ରହିବାକୁ ପସନ୍ଦ କରୁଛୁ।

ଯଦି ଶବ୍ଦର ଭାବାର୍ଥକୁ ପ୍ରସଙ୍ଗର ପବିତ୍ରତା ବିନା ଆଂଶିକ ଭାବେ ଗ୍ରହଣ କରାଯାଏ, ତେବେ ତାହା ନିଶ୍ଚିତ ଭାବରେ ଏକ ଅନୈତିକ ଲେଖା। କାରଣ ଏହା ଲେଖାର ଚିରନ୍ତନ ସତ୍ୟ ଅପେକ୍ଷା କ୍ଷଣସ୍ଥାୟୀ ରାଜନୈତିକ ଯୁକ୍ତିକୁ ଅଧିକ ଗୁରୁତ୍ୱ ଦିଏ।

ଆଗକୁ ବଢ଼ିବା ସମୟରେ, ଭାରତର ବିଦ୍ୱାନ, ରାଜନେତା ଏବଂ ନାଗରିକମାନଙ୍କର କର୍ତ୍ତବ୍ୟ ହେଉଛି ବ୍ୟାଖ୍ୟାର ନୈତିକତାକୁ ପୁନରୁଦ୍ଧାର କରିବା। ଆମକୁ 'ବନ୍ଦେ ମାତରମ୍'କୁ ସମ୍ମାନର ସହ ବଞ୍ଚିବାକୁ ଦେବାକୁ ହେବ—ଦେଶପ୍ରେମର ବାଧ୍ୟତାମୂଳକ ପରୀକ୍ଷା ଭାବେ ନୁହେଁ, କିମ୍ବା ଏକ ବର୍ଜିତ ବସ୍ତୁ ଭାବେ ନୁହେଁ, ବରଂ ଏକ ବହୁମୂଲ୍ୟ ତଥା ଜଟିଳ ଐତିହ୍ୟ ଭାବେ। ଆମକୁ ଏହାକୁ ସମ୍ପୂର୍ଣ୍ଣ ଭାବେ ପଢ଼ିବାକୁ ହେବ, ଅଥବା ଆଦୌ ପଢ଼ିବା ଉଚିତ୍ ନୁହେଁ। କେବଳ ପକ୍ଷପାତର ରାଜନୀତି ତ୍ୟାଗ କଲେ ହିଁ ଆମେ ଏହି ଗୀତର ଇତିହାସ, ଭାଷା ଏବଂ ଆତ୍ମା ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିପାରିବା।

♥ କେଶଦୁରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦, ୯୪୩୯୩୯୧୨୦୦

# ଆମ୍ବେଦକର ଥିଲେ ଭାରତୀୟ ରେନାଁସାର ସୂତ୍ରଧର

ଅଧ୍ୟାପକ ଗୋପବନ୍ଧୁ





ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପରିଚୟ କେବଳ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ସମ୍ବିଧାନର ପ୍ରଣେତା ମଧ୍ୟରେ ସୀମିତ ନୁହେଁ। ତାଙ୍କର ପ୍ରଥମ ପରିଚୟ ହେଉଛି ସେ ଜଣେ ଅଗ୍ରଣୀ ସମାଜ ସଂସ୍କାରକ ଓ ଆଧୁନିକ ଭାରତବର୍ଷର ବୌଦ୍ଧିକ ଚେତନାର ମାର୍ଗ ଦର୍ଶକ। ସେ ଏପରି ଭାରତବର୍ଷର ପରିକଳ୍ପନା କରିଥିଲେ ଯାହା ବୌଦ୍ଧିକତା ସମ୍ପନ୍ନ, ବିଜ୍ଞାନର ଅନୁଗାମୀ ଓ ପ୍ରଗତିଶୀଳ ବିଚାରଧାରା ଉପରେ ପ୍ରତିଷ୍ଠିତ ହୋଇଥିବ। ସେ ଏପରି ସମାଜ ଗଠନ ପାଇଁ ସଂଗ୍ରାମ କରିଥିଲେ ଯାହା ସମତା, ମମତା ଓ ବ୍ୟକ୍ତି ସ୍ୱତନ୍ତ୍ରତାକୁ ସର୍ବୋଚ୍ଚ ସମ୍ମାନ ଦେଉଥିବ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇ ଏକ ତର୍କସମ୍ମତ ଓ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଆଦର୍ଶ ଓ ସର୍ବଜନ ଆଦୃତ ସଂସ୍କୃତି କଥା ସେ ଚିନ୍ତା କରିଥିଲେ। ସର୍ବୋପରି ଭେଦଭାବ ରହିତ ଏକ ଐକବଦ୍ଧ ଭାରତୀୟ ସମାଜର ସେ ପରିକଳ୍ପନା କରିଥିଲେ। ତେବେ ଏ କଥା ନିଶ୍ଚିତ ଯେ ତାଙ୍କର ସମସ୍ତ ବିଚାର, ସଂଗ୍ରାମର ସମସ୍ତ ଆଧାର ଓ ସମସ୍ତ ପରିକଳ୍ପନା ଆମ ସମ୍ବିଧାନ ଭିତରେ ସମାହିତ ହୋଇରହିଛି। ସମ୍ବିଧାନର ପ୍ରତ୍ୟେକ ଶବ୍ଦରେ ଏହାର ପ୍ରତିଫଳନ ରହିଛି।

ବାବା ସାହେବ ଆମ୍ବେଦକରଙ୍କ ସମ୍ବନ୍ଧରେ ଯେତେବେଳେ ସାଧାରଣରେ ଆଲୋଚନା ହୁଏ, ତାଙ୍କୁ ସାଧାରଣତଃ ସମ୍ବିଧାନର ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିଦିଆଯାଏ। ସେ ଦଳିତମାନଙ୍କ ମସିହା ଓ ତାଙ୍କରି ପାଇଁ କାମ କରିଥିବା ଜଣେ ସାଧାରଣ ନେତାଭାବେ ପରିଚୟ ତିଆରି କରାଯାଏ। ତାଙ୍କ ବିଷୟରେ ଥିବା ବିଶାଳ ଦିଗକୁ ଅନାଲୋଚିତ ରଖାଯାଏ। ସମାଜ ସଂସ୍କାର ଦିଗରେ ସେ ଯେ ବିଂଶ ଶତାବ୍ଦୀର ଅପ୍ରତିଦ୍ୱନ୍ଦୀ ଚିନ୍ତାନାୟକ ଏ ବିଷୟରେ ଖୁବ୍ କମ୍ ଆଲୋଚନା ହୁଏ। ତାଙ୍କର ଗଗନଚୁମ୍ବୀ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରାଯାଏ ନାହିଁ। କିନ୍ତୁ କେତେଦିନ ପର୍ଯ୍ୟନ୍ତ ଆଲୋକକୁ ଅନ୍ଧାର ଲୁଚାଇ ରଖିପାରିବ। କେତେଦିନ ପର୍ଯ୍ୟନ୍ତ ଗୋଟିଏ ବିଚାରଧାରାକୁ ଚାପି ରଖାଯାଇ ପାରିବ। ଯେଉଁ ବିଚାର ସ୍ୱଚ୍ଛ ଓ ମାନବ ସମାଜର ବିକାଶ ପାଇଁ ଲାଭଦାୟକ ତାହାର ସୁବାସ ଚାରିଆଡ଼େ ବିଚ୍ଛୁରିତ ହେବହିଁ ହେବ। ଅନ୍ଧକାରର ବୁକୁଚିରି ଆଲୋକ ନିଶ୍ଚୟ ପ୍ରସ୍ଫୁଟିତ ହେବ।

ଯେଉଁମାନେ ତାଙ୍କୁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିବାକୁ ଚାହାଁନ୍ତି ସେମାନେ ତାଙ୍କ ବିଷୟରେ ଏକ କ୍ଷୁଦ୍ରଅଂଶ ଜାଣିଛନ୍ତି। ସ୍ୱାର୍ଥବାଦୀ ଲୋକମାନେ ଏପରି ଭାବିବା ସ୍ୱାଭାବିକ। ଯେଉଁମାନେ ସବୁତକ ସୁବିଧା ସୁଯୋଗ ନେଇଯିବାକୁ ଚାହାଁନ୍ତି ସେମାନେ କହନ୍ତି ସଂରକ୍ଷଣ ବ୍ୟବସ୍ଥା ଭୁଲ। ଯେଉଁମାନେ ଏହା ଦ୍ୱାରା ସୁବିଧା ସୁଯୋଗ ପାଇ ଆସୁଛନ୍ତି ସେମାନେ କହନ୍ତି ଏହା ଠିକ୍। ଏହି ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟକୁ ଏମାନେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଏହାରି ମାଧ୍ୟମରେ ତାଙ୍କ ପରିକଳ୍ପିତ ସମତାଭିତ୍ତିକ ସମାଜ ଗଠନର କଥାକୁ ବିଚାରକୁ ନିଅନ୍ତି ନାହିଁ। ଭାରତବର୍ଷରେ ଜାତିବିହୀନ ସମାଜ ଗଠନପାଇଁ ଏହାଯେ ଏକ ଜରୁରୀ ପଦକ୍ଷେପ ତାହା ଉପଲବ୍ଧି କରିପାରନ୍ତି ନାହିଁ। ଜାତିବାଦୀ ଲୋକଙ୍କଠାରୁ ଆଉ ଅଧିକ କଣବା ଆଶା କରାଯାଇ ପାରିବ। ଏମାନେ ଜାତି ବ୍ୟବସ୍ଥାର ମାପ କାଠିରେ ସମସ୍ତ ବିଷୟକୁ ମାପିବାକୁ ଚାହାଁନ୍ତି।

ସ୍ୱାଧୀନୋତ୍ତର ଭାରତବର୍ଷରେ ଜାତି ବ୍ୟବସ୍ଥା ବଞ୍ଚିଛି ଆର୍ଥିକ ଓ ସାମାଜିକ ବୈଷମ୍ୟ ଯୋଗୁଁ। ଗୋଟିଏ ଅନଗ୍ରସର ଜାତିର ସାମଗ୍ରୀକ ଆର୍ଥିକ ବିକାଶ ତାକୁ ସାମାଜିକ ବୈଷମ୍ୟରୁ ମୁକ୍ତିଦେବ। ତେଣୁ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିମାନଙ୍କୁ ସଂରକ୍ଷଣ ସୁବିଧାଦେଇ ସେ ଆର୍ଥିକ ବିକାଶ ସହିତ ପ୍ରଶାସନିକ ସେବାରେ ଭାଗୀଦାରୀକୁ ନିଶ୍ଚିତ କରିଛନ୍ତି। ଯେଉଁମାନେ ହଜାର ହଜାର ବର୍ଷଧରି ଶିକ୍ଷା ଲାଭରୁ ବଞ୍ଚିତ ହୋଇ ଆସିଥିଲେ ତାଙ୍କୁ ସଂରକ୍ଷଣ ମାଧ୍ୟମରେ ଶିକ୍ଷିତ ହେବାର ଗ୍ୟାରେଣ୍ଟି ସେ ଦେଇଛନ୍ତି। ଏହା ସହିତ ଏମାନଙ୍କ କ୍ଷୀପ୍ର ଆର୍ଥିକ ବିକାଶପାଇଁ ମଧ୍ୟ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହି ସୁବିଧା ସୁଯୋଗର ସୁରକ୍ଷା ପାଇଁ ଓ ଶାସନ ବ୍ୟବସ୍ଥାରେ ଭାଗୀଦାରୀ ହେବାପାଇଁ ଅନଗ୍ରସର ଜାତିମାନଙ୍କୁ ରାଜନୀତିରେ ସେ ସଂରକ୍ଷଣ ପ୍ରଦାନ କରିଛନ୍ତି। ସମସ୍ତ ପ୍ରକାର ବୈଷମ୍ୟକୁ ହଟାଇ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ଏହା ମଧ୍ୟରେ ଥିବା ତାଙ୍କ ଅଭିପ୍ରାୟକୁ ବୁଝିବାର ଆବଶ୍ୟକତା ରହିଛି।

ଭାରତୀୟ ସମାଜରେ, ବିଶେଷକରି ହିନ୍ଦୁ ସମାଜରେ, ବୈଷମ୍ୟତାର ଜନ୍ମ ହୋଇଛି ଜାତି ବ୍ୟବସ୍ଥାରୁ। ଜାତିର ସୃଷ୍ଟି ହୋଇଛି ବର୍ଣ୍ଣ ବ୍ୟବସ୍ଥାରୁ। ଜାତିବାଦର ଅନ୍ୟନାମ ହେଉଛି ସାମାଜିକ ବୈଷମ୍ୟ। ଏହି ବୈଷମ୍ୟକୁ ନହଟାଇବା ପର୍ଯ୍ୟନ୍ତ ଜାତିବାଦ ହଟିବ ନାହିଁ କି ଏକ ସମତା ଭିତ୍ତିକ ସମାଜ ଗଠିତ ହୋଇପାରିବ ନାହିଁ। ଏ କଥାକୁ ସେ ଜଣେ ସମାଜ ବିଜ୍ଞାନୀ, ଜଣେ ଅର୍ଥନୀତିଜ୍ଞ ଓ ରାଷ୍ଟ୍ରବାଦୀ ରାଜନୀତିଜ୍ଞ ଭାବେ ଠିକଭାବେ ବୁଝିଥିଲେ। ତେଣୁ ତାଙ୍କ ସଂରକ୍ଷଣ ବ୍ୟବସ୍ଥା ପଛରେ ଏ ସମସ୍ତର ସମାହିତ ଉତ୍କର୍ଷତା ରହିଛି। ଏ ବିଷୟରେ କହିବା ପୂର୍ବରୁ ଆମକୁ ସେହି ସ୍ତରକୁ ଯିବାକୁ ହେବ।

ୟୁରୋପ ତୁଲ୍ୟ ଭାରତବର୍ଷରେ ସେ ରେନାଁସା ଆଣିବାକୁ ଚେଷ୍ଟା କରିଥିଲେ। ଅର୍ଥାତ୍ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ବ୍ୟବସ୍ଥା କ୍ଷେତ୍ରରେ ଉତ୍କର୍ଷତାର ପୁନଃ ସ୍ଥାପନ ପାଇଁ ଉଦ୍ୟମ, ଯାହା ପୂର୍ବରୁ ଥିଲା। ଦଳେ ସ୍ୱାର୍ଥବାଦୀ ଲୋକ ଏଗୁଡ଼ିକରେ ଥିବା ମହାନତାକୁ ନଷ୍ଟଭ୍ରଷ୍ଟ କରି ଦେଇଛନ୍ତି। ମାନବୀୟ ମୂଲ୍ୟବୋଧକୁ ଅପହରଣ କରିନେଇଛନ୍ତି। ଅସମାନତା, ହିଂସା, ଘୃଣା-ଦ୍ୱେଷଭାବ ଏଥିରେ ଭରି ଦେଇଛନ୍ତି। ଯୁକ୍ତିଯୁକ୍ତତାର ଧାରାକୁ ଧ୍ୱଂସକରି କରିଦେଇଛନ୍ତି। ତେଣୁ ସେ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ବୌଦ୍ଧିକ ସମାଜର ପରିକଳ୍ପନା କରିଯାଇଛନ୍ତି। ଯେଉଁ ସମାଜର ମାନଦଣ୍ଡ ହେବ ତର୍କବୁଦ୍ଧିବାଦ। ଯେଉଁ ସମାଜରେ ସମାନତା ଥିବ, ବ୍ୟକ୍ତିତ୍ୱକୁ ଉପଯୁକ୍ତ ସମ୍ମାନ ମିଳୁଥିବ, ଭାଇଚାରା ବିରାଜମାନ କରୁଥିବ ଓ ସମସ୍ତେ ନ୍ୟାୟପୂର୍ଣ୍ଣ ଜୀବନଯାପନ କରୁଥିବେ।

ୟୁରୋପରେ ଯେଉଁପରି ରେନାଁସା ମାଧ୍ୟମରେ ପୁରୁଣା ଘୁଣଖିଆ ବିଚାରକୁ ଧ୍ୱଂସ କରାଯାଇଥିଲା ଏବଂ ନୂତନ ଓ ଉନ୍ନତ ବିଚାରରେ ସମାଜକୁ ପରିଚାଳିତ କରିବାର ପ୍ରୟାସ ହୋଇଥିଲା, ସେହି ପ୍ରକାର ପ୍ରୟାସ ସେ ଭାରତରେ କରିଥିଲେ। ଧର୍ମବିଶ୍ୱାସ, ପରମ୍ପରା, ସଂସ୍କୃତି, ଚଳଣି ପ୍ରଭୃତିରେ ଭରି ରହିଥିବା ଅମାନବୀୟ, ଅଯୌକ୍ତିକ ଓ ଅବୈଜ୍ଞାନିକ ବିଚାରର ଧ୍ୱଂସସାଧନା କରି ମାନବୀୟ ମୂଲ୍ୟବୋଧ, ବୈଜ୍ଞାନିକ ଚେତନା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତଷ୍ଠିତ ଏକ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠାର ମାର୍ଗକୁ ଉନ୍ମୁକ୍ତ କରିବା ପାଇଁ ସେ ଚେଷ୍ଟା କରିଥିଲେ। ଏହି ରୂପରେ ସେ ରେନାଁସାର ପରିକଳ୍ପନା ଭରତବର୍ଷରେ କରିଥିଲେ। ଭେଦଭାବ ପୂର୍ଣ୍ଣ ସମସ୍ତ ଧାର୍ମିକ, ସାଂସ୍କୃତିକ ଓ ପାରମ୍ପରିକ ବିଚାରର ଧ୍ୱଂସସାଧନ କରି ଭାରତୀୟ ସମାଜକୁ ଐକ୍ୟବଦ୍ଧ କରିବାର ତାଙ୍କ ପ୍ରୟାସ ଅତୁଳନୀୟ ଥିଲା।

ସେ ଆରମ୍ଭ କରିଥିବା ରେନେସାଁର ଆବଶ୍ୟକତା ଏବେବି ରହିଛି ଏବଂ ଏହା ସେତେଦିନ ପର୍ଯ୍ୟନ୍ତ ରହିବ ଯେତେଯାଏଁ ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠିତ ନହୋଇଛି। ତାଙ୍କ ବିଚାର ଓ ସଂଗ୍ରାମର ମାର୍ଗ ଏବେବି ପ୍ରାସଙ୍ଗିକ ହୋଇ ରହିଛି। ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେଲେ ଦେଶ ପ୍ରଗତିର ଶିଖରକୁ ଛୁଇଁ ପାରିବ ତଥା ସଭ୍ୟତାର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିପାରିବ। ଏ ବିଷୟରେ ଅନୁଧ୍ୟାନ ଓ ଅନୁସରଣ ଜରୁରୀ। କେବଳ ଜନ୍ମଜୟନ୍ତୀ ଓ ମୃତ୍ୟୁବାର୍ଷିକୀ ପାଳନ ମଧ୍ୟରେ ତାଙ୍କୁ ସୀମିତ ରଖିବାର ପ୍ରୟାସ ନହେଉ। ତାଙ୍କୁ ଜାତି, ଧର୍ମ, ଗୋଷ୍ଠୀ ଓ ଅଞ୍ଚଳ ଭିତରେ ବାନ୍ଧି ରଖାନଯାଉ। ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠନ ଦିଗରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହେଉ। ଏହାକୁ ଏକ ଆନ୍ଦୋଳନର ରୂପ ଦିଆଯାଉ। ତାଙ୍କ ପରିକଳ୍ପିତ ପ୍ରବୁଦ୍ଧ ଭାରତବର୍ଷ ଗଠନର ଧାରା ଆମ ସମ୍ବିଧାନ ଭିତରେ ରହିଛି। ଏହାକୁ ବୁଝିବାର ପ୍ରୟାସ ହେଉ।

♥ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦୨

# କବି ମଣୀନ୍ଦ୍ରକୁମାର ମେହେରଙ୍କୁ କବି ଗୌରବ ପଣ୍ଡିତ ନାରାୟଣ ସ୍ମୃତି ସମ୍ମାନ

ଖୋର୍ଦ୍ଧା, ୩/୧ (ନି.ପ୍ର): ହାପୁରୁଷଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଭବିଷ୍ୟତର ଉତ୍ତର ପୀଢ଼ିଙ୍କୁ ଅବଗତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଖ୍ୟାତନାମା କବି, ଲେଖକ ପ୍ରଫେସର ମଣୀନ୍ଦ୍ରକୁମାର ମେହେର ଆହ୍ୱାନ ଦେଇଛନ୍ତି। ଓଡ଼ିଆ ସାହିତ୍ୟ ଏକାଡ଼େମୀ ଓ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ ତମ ଜୟନ୍ତୀ ପରିପ୍ରେକ୍ଷୀରେ 'ଓଡ଼ିଆ ସାହିତ୍ୟକୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ' ଶୀର୍ଷକ ସମ୍ମାନରେ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ପ୍ରଫେସର ମେହେର ତାଙ୍କ ପଣିବାପା ଗଙ୍ଗାଧରଙ୍କ ସ୍ମୃତିଚାରଣ କରିବା ସହ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ 'ଚିଲିକା ଦର୍ଶନ', 'ପୁଣ୍ୟଶ୍ଳୋକ', 'ଭୋଟରଭାବନା' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ରୂପେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଗୋପାଳକୃଷ୍ଣ ଦାସ ଯୋଗଦେଇ ରାଧାନାଥ ଓ ଗୋପବନ୍ଧୁ 'ଚିଲିକା' ସମ୍ପର୍କରେ ଲେଖିଥିବାବେଳେ ପଣ୍ଡିତ ନାରାୟଣ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼.ବୃନ୍ଦାବନ ପଣ୍ଡା ଓ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବାଣୀଭଣ୍ଡାରକୁ ଯେଉଁ ମହାର୍ଘ୍ୟ କାବ୍ୟ ଦାନ କରିଯାଇଛନ୍ତି, ସେ ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ଼.ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ପଣ୍ଡିତ ମିଶ୍ରଙ୍କ କାବ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଏହି କାଳଜୟୀ କାବ୍ୟ ଯେଭଳି ପ୍ରତିଟି ସ୍ତରର ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥିନେଇ ଆଲୋକପାତ କରିଥିଲେ। ସଭାମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହାରଲାଲ ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରି ପଣ୍ଡିତ ମିଶ୍ରଙ୍କ ଠାରେ ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ସାଧନା ଓ ସମାଜସେବା ଆଦି ମହାନ୍ ପ୍ରତିଭା ଦେଖିବାକୁ ମିଳିଥିଲା ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଆମରିସତ୍ୟର ପ୍ରତିଷ୍ଠାତା ଡ଼.ପ୍ରମୋଦଚନ୍ଦ୍ର ଦାଶ, ଆଡ଼ଭୋକେଟ ନୃସିଂହନାଥ ମିଶ୍ର, ବିଜେପି ନେତା ରାଜୀବଲୋଚନ ଷଡ଼ଙ୍ଗୀ, ସମାଜସେବୀ ଇତିଶ୍ରୀ ସାହୁ, ସାମ୍ବାଦିକ ପ୍ରଦୀପ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡ଼.ଚପଳା ପଣ୍ଡା, ବରିଷ୍ଠ ଆଡ଼ଭୋକେଟ ଶକ୍ତିଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ କହିଥିଲେ। ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ମେହେର ମାଲ୍ୟାର୍ପଣ କରିଥିଲେ। ଏଥିରେ ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ମନୋରମା ନନ୍ଦ (ମିଶ୍ର) ଥିଲେ। ଶେଷରେ ମା ମଙ୍ଗଳା ଆଦିବାସୀ ମହିଳା ସମିତିର ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଧର୍ମଜାଗରଣ ସଂଘ ପକ୍ଷରୁ ସମନ୍ୱୟ ଧର୍ମ ସଭା

ବାଲେଶ୍ୱର, ୩/୧ (ନି.ପ୍ର): ବସ୍ତା ବ୍ଲକ୍ ସାହାଡ଼ା ପଞ୍ଚାୟତର ଗୋଡୁଡିଆ ରାହାସ ମଣ୍ଡପ ପରିସରରେ ବୁଧବାର ବିଶ୍ୱ ଧର୍ମ ଜାଗରଣ ସଂଘ ପକ୍ଷରୁ ସମନ୍ୱୟ ଧର୍ମ ସଭା ଓ ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ପାଲା ଗାୟକ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ଚିତ୍ରଶିଳ୍ପୀ ରାମଚନ୍ଦ୍ର ଦାସ, ପ୍ରବଚକ ରାମହରି ଜେନା, ସାମ୍ବାଦିକ ଭୀଷ୍ମଚରଣ ମଲ୍ଲିକ ସୁଧାଂଶୁ ଭୂୟାଁ, ଦାସରଥି ପଟ୍ଟାୟତ, ଶଶଧର ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଆତ୍ମଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ । ସଂଘ ସମ୍ପାଦକ ହରେକୃଷ୍ଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଦସ୍ୟ ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କୌଶଲ୍ୟା ପଟ୍ଟାୟତ, ସନ୍ଧ୍ୟାରାଣୀ ମଲ୍ଲିକ, ଲମ୍ବୋଧର ମଲ୍ଲିକ, ଜ୍ୟୋତ୍ସ୍ନା ରାଣୀ ଦିନ୍ଦା, ପ୍ରତିମା ମଲ୍ଲିକ ଗୀତାରାଣୀ ଦିନ୍ଦା, ଅନାଦି ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମିଳନ ପର୍ବରେ ଉଠିଲା ସ୍ୱର, ଏବେ ଆମ ଆଗରେ ସମସ୍ତେ ଦୁର୍ବଳ : ଭାଜପା




ଉଦଳା, ୩/୧ (ନି.ପ୍ର): ଭାରତୀୟ ଜନତାପାର୍ଟି ତରଫରୁ ଚଳିତ ଜାନୁଆରି ୨ ତାରିଖ ଶୁକ୍ରବାର ଦିନ ଉଦଳା ସହର ନିକଟରେ ଥିବା ଜୟବନ୍ଧଠାରେ ଏକ ମିଳନ ପର୍ବର ଆସର ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆସରକୁ ଉଦ୍‌ଘାଟନ କରି ଈଶ୍ୱରଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳକାମନା କରିଥିଲେ । ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ମୟୂରଭଂଜ (ପୂର୍ବ) ଜିଲ୍ଲା ସଭାପତି ନିହାର ରଂଜନ ମୋଦି ଅଧ୍ୟକ୍ଷତା କରି ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଆମକୁ ଏବେରୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ତାଙ୍କର ବକ୍ତବ୍ୟରେ କେବଳ ଭାରତୀୟ ଜନତାପାର୍ଟିକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜନୈତିକ ଦଳ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିନାହାଁନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କମଳ ଧଳ, ମମତା ସାହୁ, ହରିପ୍ରସାଦ ଭଂଜବାବୁ, ପ୍ରଭାତ ପରିଡ଼ା, ବିଭୁତି ମହାନ୍ତ, ଶରତ ଦାସ, ସୁମନ ସିଂ, ପ୍ରାଣକୃଷ୍ଣ ବେରା ଇତ୍ୟାଦି ଭାରତୀୟ ଜନତାପାର୍ଟି ଆଗରେ ବର୍ତମାନ ସମଗ୍ର ଓଡ଼ିଶାରେ ଅନ୍ୟସମସ୍ତ ରାଜନୈତିକ ଦଳ ଦୁର୍ବଳସ୍ଥିତିରେ ଅଛନ୍ତି । ତାଙ୍କୁ ଶକ୍ତି ଗୋଟାଇ ସବଳ ହୋଇ ଲଢ଼ିବା ପାଇଁ ଆହୁରି ବହୁତ ଲମ୍ବା ସମୟ ଲାଗିବ ବୋଲି ବ୍ୟକ୍ତ କରିଥିଲେ । ଉଦଳା ପଂଚାୟତ ସମିତି ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଂଜଳି ମୁର୍ମୁ ପ୍ରମୁଖ ଦେବକୁଣ୍ଡର ଉନ୍ନତିକରଣ, ବାଲମା ଡ୍ୟାମ ନିର୍ମାଣ ଓ ଜଇଦା ବ୍ୟାରେଜ କାମ ପାଇଁ ପ୍ରସ୍ତୁତି ଚାଲିଛି, ଖୁବ୍ ନିକଟରେ ଏହିସବୁ କାମ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ । ଏହାପରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହିତ ଆଜିର ମିଳନ ପର୍ବର ଯବନିକା ପଡ଼ିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମୋହନ ସରକାରଙ୍କ...

ନିର୍ଦ୍ଦେଶକ୍ରମେ ଏହି କ୍ରାଇମବ୍ରାଂଚ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି । ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ୨୦୨୪ ଫେବୃୟାରୀ ୮ତାରିଖରେ ରାଜ୍ୟ ଗୃହ ସଚିବଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗର ତଦନ୍ତ ପାଇଁ କ୍ରାଇମବ୍ରାଂଚ ପକ୍ଷରୁ ତାଙ୍କୁ ନୋଟିସ୍ ଜାରି ହୋଇଛି । କ୍ରାଇମବ୍ରାଂଚର ତଦନ୍ତକାରୀ ଅଧିକାରୀ ଡିଏସପି ସନ୍ତୋଷ କୁମାର ଗୌଡ଼ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ଧାରା ୯୪ ଅନ୍ତର୍ଗତ ଡିସେମ୍ବର ୧୫ତାରିଖରେ ଏହି ନୋଟିସ୍ ଜାରି କରିଛନ୍ତି । ପୂର୍ବତନ ଫାଇଭ-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ବିରୋଧରେ ରହିଥିବା ଅଭିଯୋଗର ସତ୍ୟତା ପରଖିବା ପାଇଁ ଆସନ୍ତା ୬ ତାରିଖ ସୁଦ୍ଧା ସମସ୍ତ ଦସ୍ତାବିଜ, ଇଲେକ୍ଟ୍ରୋନିକ୍ସ ରେକର୍ଡ ଏବଂ ଅନ୍ୟାନ୍ୟ ପ୍ରମାଣ ଦାଖଲ କରିବାକୁ ଶ୍ରୀ ପାଣିଗ୍ରାହୀଙ୍କୁ ଅନୁରୋଧ କରାଯାଇଛି। କ୍ରାଇମବ୍ରାଂଚ ୨୦୨୫ ମେ' ୨୯ତାରିଖରେ ମଧ୍ୟ ଏନେଇ ପ୍ରାରମ୍ଭିକ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି । ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଯୋଗରେ ପାଣ୍ଡିଆନଙ୍କ ଦ୍ୱାରା ଓଡ଼ିଶା ରୁଲସ ଅଫ ବିଜିନେସ-୧୯୫୬ର ଉଲ୍ଲଙ୍ଘନ ସହ ଅନ୍ୟାନ୍ୟ ଅଭିଯୋଗ ମଧ୍ୟ ଆଣିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ଫାଇଭ-ଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ସମୟରେ ପାଣ୍ଡିଆନ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମରେ ବେଆଇନ ଭାବେ ସରକାରୀ କ୍ଷମତାର ଅପବ୍ୟବହାର କରିଥିଲେ। ପାଣ୍ଡିଆନ ସରକାରୀ ତହବିଲରୁ ବିପୁଳ ପରିମାଣର ଅର୍ଥ ବ୍ୟୟ କରି ହେଲିକପ୍ଟର ଗସ୍ତ ସହ କାର୍ଯ୍ୟକ୍ରମ ଆୟୋଜନ କରିଥିବା ନେଇ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ କ୍ରାଇମବ୍ରାଂଚ ତଦନ୍ତ କରୁଛି ।

### ଓଡ଼ିଶା ଦେଖିବ...

ବିଜେପି ଓ ବିଜେଡିର ବିକଳ୍ପ ଚାହୁଁଛି ଓଡ଼ିଶା । ମୋକିମଙ୍କ ସହ ସ୍ୱର ମିଳାଇ ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ କାହିଁକି ନୂଆ ଦଳର ଆବଶ୍ୟକତା ପଡୁଛି ? ସେନେଇ ରାଜନୈତିକ ଦଳ ଆତ୍ମସମୀକ୍ଷା କରିବା ଦରକାର । ନୂଆ ଆଞ୍ଚଳିକ ଦଳ ଗଠନ ପଛର ସୂତ୍ରଧର ସାଜିଛନ୍ତି ମୋକିମ । ଏଥିପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ସରିଛି । ୩ ଦଳର ଅସନ୍ତୁଷ୍ଟ କ୍ୟାମ୍ପ ନୂଆ ଆଞ୍ଚଳିକ ଦଳକୁ ନେଇ ଉତ୍ସାହିତ ଅଛନ୍ତି । ଜାନୁଆରିରେ ଯୁବଛାତ୍ରଙ୍କୁ ନେଇ ହେବ ବିଶାଳ ସମାବେଶ । ଏହି ସମାବେଶରେ ଶକ୍ତିପ୍ରଦର୍ଶନ ସହ ନୂଆ ଆଞ୍ଚଳିକ ଦଳର ପୁନାଦି ପଡିବା ନେଇ ଚର୍ଚ୍ଚା ବଢିଛି । ପିସିସି ସଭାପତି କହିଛନ୍ତି, ଅସନ୍ତୁଷ୍ଟ ମାନେ ଦଳ ଛାଡିଲେ କଂଗ୍ରେସ ପାଇଁ ଭଲ । ମୋକିମ ଦଳ ଗଠନ କରିପାରିବେ ହେଲେ ବିଜେଡି ଉପରେ ପ୍ରଭାବ ପଡିବନି ବୋଲି କହିଛନ୍ତି ଦେବୀ ମିଶ୍ର । ନୂଆ ଆଞ୍ଚଳିକ ଦଳ ଗଠନ ଆଗକୁ ଓଡ଼ିଶା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବ ।

### ମେଧାଙ୍କ ଅସନ୍ତୋଷ ପରେ...

ଅସନ୍ତୋଷ ପରେ ହସ୍ତକ୍ଷେପ କଲେ ମୁଖ୍ୟମନ୍ତ୍ରୀ । ୧୫୧ଟି ପଦବୀ ପୂରଣ ପାଇଁ ଓପିଏସକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ଓସିଏସ୍ ବିଜ୍ଞପ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ । ବାହାରିବ ଓଏଏସ୍, ଓଆରଏସ୍ ପଦବୀ । ପୂର୍ବ ବିଜ୍ଞପ୍ତିରେ ପଦବୀ ନଥିବା ଖବର ପ୍ରସାରଣ ହୋଇଥିଲା । ଗଣମାଧ୍ୟମରେ ଖବର ପ୍ରସାରଣ ପରେ ହସ୍ତକ୍ଷେପ କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୫୧ଟି ଅଧିକ ପଦବୀ ପୂରଣ ପାଇଁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜ୍ଞପ୍ତୀରେ ପଦବୀ ନଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ଓଡ଼ିଶା ପ୍ରଶାସନିକ ସେବା-ଓଏଏସ୍‌ରେ ୧୪, ଓଡିଶା ରାଜସ୍ୱ ସେବା-ଓଆରଏସ୍‌ରେ ୧୧୩, ଓଡିଶା ପରିବହନ ସେବା-ଓଟିଏସ୍‌ରେ ୧୬ ଏବଂ ଓଡ଼ିଶା ମଙ୍ଗଳ ସେବା-ଓଡବ୍ଲୁଏସ୍‌ରେ ୮ଟି ପଦବୀ ପୂରଣ ହେବ ।

### କୋରାପୁଟରେ...

ଅବଗତ କରିଥିବା କହିଛନ୍ତି। ଏଏନଏମ ଜାଣିବା ପରେ ଗର୍ଭ ନଷ୍ଟ କରିବାକୁ କହିବାରୁ ଝିଅର ମାଆ ରାଗି ଯାଇ ନିଜ ଝିଅକୁ ଘରକୁ ପ୍ରସୂତି ପାଇଁ ଆଣି ରଖିଥିବା ଜାଣିବାକୁ ମିଳିଛି। ବର୍ତ୍ତମାନ ନାବାଳିକା ୬ ମାସର ଗର୍ଭବତୀ ଥିବା ବେଳେ ନାବାଳିକା ଜଣକ ଆସି ବାପା-ମା'ଙ୍କ ପାଖରେ ରହୁଛନ୍ତି। ନାବାଳିକା ଜଣକ ଗର୍ଭବତୀ ଥିବା ଖବର ଅଙ୍ଗନୱାଡ଼ି କର୍ମୀମାନେ ଜଣାଇବାକୁ ଭୟ କରୁଥିବା ବେଳେ ସ୍ଥାନୀୟ ସିଡିପିଓ ଗୀତାଞ୍ଜଳି ମହାରଣା ଗଣମାଧ୍ୟମକୁ ଜଣାଇଥିଲେ। ଏହାର ସତ୍ୟତା ଜାଣିବା ପାଇଁ ଅଙ୍ଗନୱାଡ଼ି ସୁପର ଭାଇଜର ଲିଲି ରାଣୀ ପଣ୍ଡା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଫୋନ ମାଧ୍ୟମରେ ଫୋନ କରିବାରୁ ନାବାଳିକା ୬ ମାସ ଗର୍ଭବତୀ ହୋଇ ଥିବା ଜାଣିବାକୁ ମିଳିଛି। ସମ୍ବଲପୁରରେ ନାବାଳିକାଙ୍କ ଘର ପାଖରେ ରହୁଥିବା ୭୦ ବର୍ଷିୟ ବୃଦ୍ଧ ଗୋପାଳ ମେହେର ଦୁଷ୍କର୍ମ କରିଥିବା ସୂଚନା ଦେଇଛନ୍ତି କ୍ଷେତରାଜପୁର ଆଇଆଇସି ଅନିଲ ପ୍ରଧାନ।

# ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥନ ପ୍ରତିଯୋଗିତା

## ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ପ୍ରଥମ
## ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ



ପାରାଦୀପ, ୩/୧ (ନି.ପ୍ର): ବିଗତ ବର୍ଷ ଗୁଡିକପରି ପାରାଦୀପ ବନ୍ଦର ଜାନୁଆରୀ ୩ତାରିଖ ଦିନ ତାର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ୨୧ତମ ମାରାଥନ ପ୍ରତିଯୋଗିତା ଆୟୋଜିତ କରିଥିଲା । ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଯେଉଁଥିରେ ୨୮୦ ପୁରୁଷ ଓ ୫୬ ଜଣ ମହିଳା ଥିଲେ। ୩ ତାରିଖ ଦିନ ସକାଳେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ହନୁମାନ ମନ୍ଦିର ଠାରେ ସବୁଜ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିଯୋଗୀ ମାନେ ବନ୍ଦର ସହରରେ ୧୪ କିଲୋମିଟର ପଥ ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଞ୍ଚି ଥିଲେ । ପ୍ରତିଯୋଗୀ ମାନେ ରାସ୍ତା ଅତିକ୍ରମ କରୁଥିବା ବେଳେ ବିଭିନ୍ନ ସ୍ଥାନ ମାନଙ୍କରେ ଅନୁଷ୍ଠାନ, ସ୍କୁଲ ପିଲା ଓ ବନ୍ଦର ଅନ୍ତେବାସୀ ମାନେ ରାସ୍ତା କଡ଼ରେ ଛିଡ଼ା ହୋଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ପ୍ରଥମ, ରାଞ୍ଚିର ଗୁଲ୍ସନ ଡୁଙ୍ଗ ଡୁଙ୍ଗ ଦ୍ୱିତିୟ, ଝାରଖଣ୍ଡର ରାକେଶ ମହନ୍ତ ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱିତୀୟ, ବାସନ୍ତୀ ମାଣ୍ଡିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୂର୍ବାହ୍ନରେ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତଙ୍କ ଅଧ୍ୟକ୍ଷତରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବୋଧିତ କରିବା ସଙ୍ଗେ ସଙ୍ଗେ ପୁରସ୍କାର ବିତରଣ କରିଥିଲେ । ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୨୧୦୦୦/-, ୧୫୦୦୦/- ଓ ୧୦୫୦୦/- ଟଙ୍କା, ୩ ଜଣଙ୍କୁ ୫୦୦୦/-, ୬ ଜଣଙ୍କୁ ୩୦୦୦/- ଓ ୯ ଜଣଙ୍କୁ ୨୦୦୦/- ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ଉଭୟ ବର୍ଗରେ ୨୧ ଜଣଙ୍କୁ କୁଲ ୯୭୫୦୦/- ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ବନ୍ଦର ଉପାଧ୍ୟକ୍ଷ ଟି ବେଣୁଗୋପାଳ ଓ ବନ୍ଦର ବିଭାଗ ମୁଖ୍ୟ ଓ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ବିବରଣୀ ପାଠ କରିଥିବା ବେଳେ ଫୁଟବଲ ଉପଦେଷ୍ଟା ରବି ଦାସ ସ୍ୱାଗତ କରିଥିଲେ । ପରିଶେଷରେ ସମ୍ପାଦକ ଧ୍ରୁନ ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କସିଆ ଥାନା ପକ୍ଷରୁ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ




ବାସୁଦେବପୁର, ୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କସିଆ ଥାନା ପକ୍ଷରୁ କୋଷ୍ଟା ଲ କମ୍ୟୁନିଟି ଫେଷ୍ଟିଭାଲ ଓ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଇନ୍ଦା ଅଂଶୁମାନ ଦ୍ୱିବେଦୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ପୋଲିସ ଓ ଜନ ସାଧାରଣ ଙ୍କ ମଧ୍ୟରେ ବିଶେଷ ଦୂରତ୍ୱ ରହିବା ଅନୁଚିତ୍ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ସମୁଦ୍ର ତଟ ବର୍ତ୍ତି ଅଞ୍ଚଳରେ ସୁରକ୍ଷା କିପରି ଠିକ୍ ଭାବେ ରହିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସଦର ଏସ ଡି ପି ଓ ବିଚିତ୍ରା ନନ୍ଦ ସେଠି, ବିନୋବା ଭାବେ ପଞ୍ଚାୟତ ସରପଞ୍ଚ ଆଦିତ୍ୟ ଗିରି, ନାରୀ ନେତ୍ରୀ ସମାଜସେବୀ ବନଲତା ଜେନା, ଅଗ୍ନିଶମ ଅଧିକାରୀ ସଞ୍ଜୀବ ପ୍ରଧାନ, ମତ୍ସ୍ୟ ଅଧିକାରୀ ଜଗଦୀଶ ବାରିକ । ସମସ୍ତ ଅତିଥି ସଚେତନତାର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବୀ ଏବଂ ବିଭିନ୍ନ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କସିଆ ଥାନା ଅଧିକାରୀ ସାବିତ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ।

# କାଳନ୍ଦାରେ ଆଦିବାସୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୩/୧ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ କାଳନ୍ଦା ଗ୍ରାମର ଆଦିବାସୀ ଭାଇ ଭଉଣୀ ଓ 'ଜାହିର ଗାଡିଆ ଯୁବକ ସଂଘ' ଆନୁକୂଲ୍ୟରେ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲରେ ଅନ୍ଧାରି ଏଫ ସି ରାସଗୋବିନ୍ଦପୁର ମୟୁରଭଞ୍ଜ ଦଳକୁ ହରାଇ ଦହିସାରି ଏଫ ସି ବସ୍ତା, ବାଲେଶ୍ୱର ଦଳ ଚମ୍ପିଆନ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ସମାଜସେବୀ ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ,ବ୍ଲକ ସଦସ୍ୟ ମୀନକେତନ ଦାସ ମହାପାତ୍ର, ଗ୍ରାମ ମୁଖିଆ ଦୈତାରୀ ନାୟକ, ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ,ୱାର୍ଡ ସଦସ୍ୟ ନିତ୍ୟାନନ୍ଦ ଦାସ ମହାପାତ୍ର, ବିଭୁତି ଦାସ ମହାପାତ୍ର,ପୂର୍ବତନ ସରପଞ୍ଚ କୀର୍ତ୍ତନ ଧଳ, ବାବୁରାମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ଦଳ ଭାବରେ ଦୁର୍ଗାପୁର ଏଫ ସି ମୟୁରଭଞ୍ଜ, ତୃତୀୟ ଦଳ ଭାବରେ ଦାମୋଦରପୁର ଏଫ ସି ବାରିପଦା ଦଳକୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଆଦିବାସୀ ଭାଇ ଭଉଣୀମାନେ ପାରମ୍ପରିକ ନୃତ୍ୟରେ ବିଧାୟିକା ଜେନାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଜାହିର ଗାଡ଼ିଆ ଆଦିବାସୀ ଯୁବକ ସଂଘକ୍ସ ସଭାପତି ସୁମନ୍ତ ବେଶ୍ରା, ସମ୍ପାଦକ ହରିଶ ଚନ୍ଦ୍ର ବେଶ୍ରା, ଗୁରୁଭା ବେଶ୍ରା, ରଞ୍ଜନ ସୋରେନ, ମେନେଜର ନବ ସୋରେନଙ୍କ ସହିତ ରୁପାଇ ଟୁଡୁ, ବାପି ବେଶ୍ରା, ମନ୍ମଥ ବେଶ୍ରା, ସୁବନ ମାରାଣ୍ଡି, ବାଲକୁ ମୁର୍ମୁ, ମାଧବ ବେଶ୍ରା, ମଧୁ ସୋରେନ, ରଥ ବେଶ୍ରା, ସାନ ଟୁଡୁ,ମୋଚିରାମ ସୋରେନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଂଘର ସଭାପତି ସୁମନ୍ତ ବେହେରା ସମସ୍ତ ଅତିଥି ଓ ଖେଳାଳିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮ଲକ୍ଷ ଟଙ୍କାର ଧଳାଜହର ଜବତ: ସ୍କୁଟି ସହ ୨ ଗିରଫ



ନୀଳଗିରି, ୩/୧ (ନି.ପ୍ର): ଗରାଖ ସାଜି ଧଳାଜହର ବେପାରୀଙ୍କୁ ମାଡିବସିଲା ନୀଳଗିରି ଅବକାରୀ ବିଭାଗ।୧୮ ଲକ୍ଷଟଙ୍କାର ଧଳାଜହର (ବ୍ରାଉନ ସୁଗାର)ଓ ଗୋଟିଏ ସ୍କୁଟି ଜବତ କରିବାସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ସୂଚନାଅନୁଯାୟୀ କୌଣସି ସୂତ୍ରରୁ ଖବରପାଇ ନୀଳଗିରି ଅବକାରୀବିଭାଗ ଇନ୍ସପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଦଳ ଔପଦା କଲେଜଛକ ନିକଟରେ ଚଢାଉ କରିଥିଲେ।ଅବକାରୀ ଅଧିକାରୀ ମାନେ ଗରାଖସାଜି ଅଭିଯୁକ୍ତଙ୍କ ସହ ଜିନିଷ କିଣିବା ବାହାନା କରିଥିଲେ ।ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୧୮୦ ଗ୍ରାମର ଓଜନର ବ୍ରାଉନସୁଗାର୍ ସହ ଏକ ଓଲା ବ୍ୟାଟେରୀ ଗାଡି ନମ୍ବର (ଓଡି-୦୧ଏୟୁ -୦୨୪୨) ଜବତ କରିଥିଲେ। ଜହରର ଆନୁମାନିକ ମୂଲ୍ୟ ୧୮ଲକ୍ଷ ଟଙ୍କା ହେବବୋଲି ଅବକାରୀବିଭାଗ ପକ୍ଷରୁ ଅନୁମାନ କରାଯାଇଛି।ଦୁଇ ଅଭିଯୁକ୍ତ ଔପଦା ଅଞ୍ଚଳର ରାଜୀବ ପାତ୍ର ଓ ଶୁଭମ ଦଳେଇଙ୍କୁ କୋର୍ଟଚାଲଣ କରାଯାଇଛି ।ଏହି ଚଢାଉରେ ନୀଳଗିରି ଅବକାରୀ ଅଧିକାରୀ ମନୋଜ କୁମାର ସାହୁ,କନେଷ୍ଟବଳ ତପନ ମଲ୍ଲିକ ,ସନ୍ତୋଷ କୁମାର ବେହେରା,କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ରହିଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା , ୩/୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ,ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ କନିଷ୍ଠା କନ୍ୟା ମୁନିମତୀ ସନ୍ତୋସିନୀ ବାରିକ -ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରା ଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ଜୟଶ୍ରୀ ଜୟନନ୍ଦିନୀ ର ସପ୍ତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସଦ୍ ଗୁରୁଦେବଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ସମୂହ ପ୍ରଣବ,ଶୁଭ ଭାବନା, ବେଦ ପାଠ,ଶାନ୍ତି ପାଠ କରାଯାଇ, ଆୟୁଷ୍ମତୀ ମୁନି କୁମାରୀ ଜୟଶ୍ରୀଜୟନନ୍ଦିନୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ସେ ଜଣେ ଆତ୍ମଜ୍ଞାନୀ ଦିବ୍ୟ ପ୍ରତିଭାର ଅଧିକାରିଣୀ ସୁ କନ୍ୟା ହେଉ,ସମୂହ ସୁ କଲ୍ୟାଣ କରିଥିଲେ ।ଏଇ ଦିନରୁ ,ତାଙ୍କ ପିତା ମାତା ତାଙ୍କୁ ସଂସ୍କାରିତ କରି ଗଢ଼ିବା ପାଇଁ,ଆଶ୍ରମର ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ତାଙ୍କ ଆଶିର୍ବଚନରେ ନାତିଦୀର୍ଘ ଉପଦେଶ ମାନ ପ୍ରଦାନ କରିଥିଲେ ।ମୁନିରାଜ୍ଞୀ ସୁମତୀ ଦଲାଇ,ଆଶ୍ରମର ନୂତନ ବର୍ଷର ପ୍ରଥମ ଜ୍ଞାନ ଯଜ୍ଞରେ,ସଦ୍ ଗୁରୁଦେବଙ୍କ ବନ୍ଦନା ଏବଂ ଜନ୍ମଦିନ ସଙ୍ଗୀତ ସୁଲଳିତ କଣ୍ଠରେ ଗାନ କରିଥିଲେ । ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମଧ ଏକ ଆଶୀର୍ବାଦର ସଙ୍ଗୀତ ଗାନ କରିଥିଲେ ।ସଭାପତି ତାଙ୍କ ଅଭିଭାଷଣରେ ଆଶୀର୍ବାଦର ବର୍ଷା ସୃଷ୍ଟିକରି,କହିଥିଲେ ଯଦି ଗ୍ରହିତା ଗ୍ରହଣ କରେ,ତେବେ ସେ ନିଶ୍ଚିତ ରେ ଏକ ଆଦର୍ଶ ବିଦ୍ୱାନ ସୁ କନ୍ୟା ହେବ ହିଁ ହେବ ।ଉପସ୍ଥିତ ଥିଲେ ମୁନିରାଜ୍ଞୀ ବିମଳା ଲେଙ୍କା,ବାସନ୍ତୀ ମହାଳିକ, ଯମୁନା ପାତ୍ର, ଜାହ୍ନବୀ ଗିରି, ଉର୍ମିଳା ପଣ୍ଡା,ସତ୍ୟ ସେନାପତି ପ୍ରମୁଖ ।ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

ରବିବାର, ଜାନୁଆରୀ ୦୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପିଏମ ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର , ୩/୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ନୂଆବଜାର ଠାରେ ଥିବା ପିଏମ ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଭବ୍ୟ କାର୍ଯ୍ୟକ୍ରମକୁ ଜଳେଶ୍ୱର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଧାନ ମନ୍ତ୍ରୀଙ୍କର ପ୍ରତି ବିଦ୍ୟାଳୟକୁ ତାଙ୍କର ଚିନ୍ତାଧାରାର ପ୍ରତିଫଳନରେ ପ୍ରତି ଫଳିତ କରିବାର ଏହା ଏକ ଅଭିନୟ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ ।ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନାଙ୍କ ମଞ୍ଚ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ଅଧକ୍ଷ ପ୍ରତିପ୍ କୁମାର୍ ପ୍ରଧାନ ଯୋଗ ଦେଇ ମଣିଷରୁ ମଣିଷ ପଣିଆ ସୃଷ୍ଟି କରିବା ନେଇ ମତବ୍ୟକ୍ତ କରିଥିଲେ ।ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ କେଦାର ଚରଣ ମହାନ୍ତି ଯୋଗ ଦେଇ ଭଲ ମଣିଷ ହେବା ପାଇଁ ମତ ରଖିଥିଲେ ।ତହସିଲଦାର ସତ୍ୟଜିତ ମହାନ୍ତି,ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ,ଜଳେଶ୍ୱର ଥାନାର ଆଇଆଇସି ଅଶୋକ କୁମାର ବାରିକ, ଠାକୁରମୁଣ୍ଡା ବ୍ଲକର ବିଇଓ କୁଞ୍ଜବିହାରୀ ପ୍ରଧାନ,ଓଷ୍ଟା ଜିଲ୍ଲା ସଭାପତି ମନୋରଞ୍ଜନ ଦାସ,ବ୍ଲକ୍ ସଭାପତି ଓଷ୍ଟା ସୁକୁମାର ମିଶ୍ର,ସଦାଶିବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଜଳେଶ୍ୱର ଓଷ୍ଟା ସଂପାଦକ ହରେକୃଷ୍ଣ ଜେନା,ଅବସର ପ୍ରାପ୍ତ ଅଧକ୍ଷ ତଥା ଗବେଷକ ଡ.ଶ୍ରୀକାନ୍ତ ଚରଣ ପାତ୍ର,ଏସଏମସି ସଭାପତି ଜୟ ନାରାୟଣ ଦାସ,ପୂର୍ବତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ, ଡ.ଈଶ୍ୱର ଚନ୍ଦ୍ର ଜେନା, ସୁଦର୍ଶନ ପ୍ରଧାନ,ସୁନିଲ କୁମାର ନାୟକ,ପୂର୍ଣ୍ଣଚନ୍ଦ୍ର ଭୂୟାଁ,ସିଦ୍ଧେଶ୍ୱର ଦାସ ଯୋଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତର ବିକାଶ ସ୍ରୋତରେ ନିଜକୁ ସାମିଲ କିପରି କରିପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ର ।ସହକାରୀ ଶିକ୍ଷକ ରାଧା ଗୋବିନ୍ଦ ଜେନା,ରାଜେନ୍ଦ୍ର ପାଣିଗ୍ରାହୀ ଓ ସବିତା ପାଠୀ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ତେଜସ୍ୱିନୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନୀଳଗିରି ମହାବିଦ୍ୟାଳୟର ପ୍ରଥମ ପ୍ରିନ୍ସିପାଲ ସୀତାନାଥ ପାଣିଗ୍ରାହୀଙ୍କ ପରଲୋକ

ନୀଳଗିରି , ୩/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି କଲେଜର ପ୍ରଥମ ଅଧକ୍ଷ ସୀତାନାଥ ପାଣିଗ୍ରାହୀଙ୍କ ୯୦ବର୍ଷ ବୟସରେ ପରଲୋକ ଘଟିଛି । ଏନେଇ ସନ୍ତରାଗଡିଆ ଅଞ୍ଚଳରେ ଏକପ୍ରକାର ଶୋକର ବାତାବରଣ ଦେଖାଦେଇଛି । ସୂଚନା ଅନୁସାରେ ସୀତାନାଥ ପାଣିଗ୍ରାହୀ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ରିଡର୍ ଭାବେ ବେଶ୍ ସୁନାମଅର୍ଜନ କରିଥିଲେ । ପରେ ନୀଳଗିରି କଲେଜର ପ୍ରଥମ ଅଧକ୍ଷ ଭାବେ ନିଯୁକ୍ତି ପାଇଥିଲେ । ନୀଳଗିରି କଲେଜର ସର୍ବାଙ୍ଗୀନ



ଉନ୍ନତିପାଇଁ ତାଙ୍କର ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା । ସନ୍ତରାଗଡିଆ ଠାରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ ସ୍ଥାପନାପରେ ମଧ ପ୍ରଥମ ଅଧକ୍ଷଭାବେ ନିଯୁକ୍ତିପାଇ କଲେଜର ବହୁବିଧ ଉନ୍ନତି କରିବାରେ ବିନ୍ଧାଣୀ ସାଜିଥିଲେ । ଗତ କିଛିଦିନ ଧରି ଦେହଅସୁସ୍ଥ ହେବାରୁ ଗତ ଶୁକ୍ରବାର ଦିନ ବାଲେଶ୍ୱରର ଲକ୍ଷ୍ମୀକାନ୍ତ ନର୍ସିଂ ହୋମକୁ ପରିବାର ଲୋକେ ଚିକିତ୍ସାପାଇଁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଦିନ ତାଙ୍କର ଅକାଳବିୟୋଗ ଘଟିଛି ।ତାଙ୍କର ଦୁଇଜଣ ପୁଅ ଓ ପାଞ୍ଚଜଣ ଝିଅ ଅଛନ୍ତି ।ମରଶରୀରର ନିକଟରେ ବହୁ ବନ୍ଧୁବାନ୍ଧବ, ସମ୍ପର୍କୀୟ, ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନକରି ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ୧୮ଟି ଜିଲ୍ଲାରେ ଧାନସଂଗ୍ରହ ଜାରି

ଭୁବନେଶ୍ୱର, ୩/୧ (ନି.ପ୍ର): ବର୍ତ୍ତମାନ ରାଜ୍ୟର ୧୮ଟି ଜିଲ୍ଲାରେ ଧାନସଂଗ୍ରହ ଜାରି ରହିଛି । ଏ ପର୍ଯ୍ୟନ୍ତ ଦୁଇ ଲକ୍ଷ ୭୧ ହଜାର ୩୧୮ ଜଣ ଚାଷୀ ମଣ୍ଡିରେ ଧାନବିକ୍ରୟ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏକ ଲକ୍ଷ ୮୫ ହଜାର ୮୨୦ ଜଣ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରୟ ରାଶି ପ୍ରଦାନ କରାଯାଇଛି । ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଏହି ଅର୍ଥରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏ ପର୍ଯ୍ୟନ୍ତ ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୨୨୪୭ କୋଟି ୫୨ ଲକ୍ଷ ଟଙ୍କା ଏବଂ ଇନ୍‌ପୁଟ ସହାୟତା ରାଶି ଭାବେ ୬୯୩ କୋଟି ୫୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଚାଷୀମାନଙ୍କୁ ସେମାନଙ୍କ ଦେୟ ପ୍ରଦାନ ପାଇଁ ଆଧାରସଂଯୁକ୍ତ ଦେୟ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ସ୍ତ୍ରୀ ସମ୍ମୁଖରେ ସ୍ୱାମୀକୁ ଦଳିଦେଲା କୁଳଡିହା ଦନ୍ତା: ଘଟଣାସ୍ଥଳରେ ମୃତ

ନୀଳଗିରି, ୩/୧ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ସ୍ତ୍ରୀ ସମ୍ମୁଖରେ ହାତୀ ଘାଇଲାକରିବା ପରେ ତାଙ୍କୁ ଦଳିଦେଇ ମାରିଦେଇଛି । ସୂଚନା ଅନୁଯାୟୀ ଶନିବାର ସକାଳ ପ୍ରାୟ ୧୦ଘଟିକା ସମୟରେ କୁଳଡିହା ଅଭୟାରଣ୍ୟର ପାଦଦେଶ ତଥା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ଗ୍ରା.ପ କାଇଁସପାଳ ଗ୍ରାମର ବୈରାଗୀ ଦେହୁରି(୫୮) ଘରଠାରୁ ପାଖାପାଖି ୧ କି.ମି ଦୂର କୁଳଡିହା ପାଦଦେଶ ଖୁମକୁଟ ନିକଟ ପଚାଟୁଆ ଜଙ୍ଗଲକୁ ସ୍ତ୍ରୀ ସୁକାନ୍ତି ଦେହୁରି ସହ ଶୁଖିଲା ଜାଳେଣିକାଠ ଆଣିବା ସହ ଛେଳି ଚରାଇବାପାଇଁ ଯାଇଥିଲେ । ହଠାତ୍ ଖାଦ୍ୟ ଅନ୍ୱେଷଣରେ



ଓହ୍ଲାଇ ଆସିଥିବା ୨ଟି ଦନ୍ତାହାତୀ ହାତିଖୁଲିଆ ସେକସନରେ ଘୁରି ବୁଲୁଥିବା ବେଳେ ଅଚାନକ ଗୋଟିଏ ଦନ୍ତାହାତୀ ବାହାରିଆସି ଅତର୍କିତ ଦୈତାରୀଙ୍କୁ ଶୁଣ୍ଢରେ କଚାଡ଼ିବା ସହ ପାଦରେ ଦଳିଦେଇଥିଲା । ସ୍ତ୍ରୀ ସୁକାନ୍ତି ଜୀବନ ବିକଳରେ ସେଠାରୁ ଦୌଡିଆସି ପରିବାର ବର୍ଗ ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ । ସମସ୍ତେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ବୈରାଗୀ ରକ୍ତ ଜୁଡୁବୁଡୁ ଅବସ୍ଥା ରେ ପଡିରହିଥିବା ବେଳେ ଦନ୍ତାହାତୀଟି ସେଠାରୁ ପଳାଇଥିଲା । ତୁରନ୍ତ ତାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା ବେଳେ ଡ଼ାକ୍ତର ମୃତଘୋଷଣା କରିଥିଲେ । ଅଞ୍ଚଳବାସୀଙ୍କ ସହିତ ପରିବାରଲୋକ କ୍ଷତିପୂରଣ ଦାବି କରିଛନ୍ତି ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶ୍ରୀନୀବାସ ପ୍ରଧାନ
ବରିଷ୍ଠ,
ଆଇନଜୀବୀଙ୍କର
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ
ଉପଲକ୍ଷେ ଗଭୀର
ଶ୍ରଦ୍ଧାଞ୍ଜଳି ...
୦୪/୦୧/୨୦୨୬
ରବିବାର

ଭଞ୍ଜପୁର , ବାରିପଦା
ମୟୁରଭଞ୍ଜ

# ଖଇରା ଓ ବାଗୁଡ଼ିରେ ଖଣି ଓ କ୍ରସର୍ ଇଉନିଟ୍‌ରେ ସଂଯୁକ୍ତ ଯାଞ୍ଚ

ବାଲେଶ୍ୱର, ୩/୧ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ୍ ଅନ୍ତର୍ଗତ ଖଣି କ୍ଷେତ୍ର ଓ କ୍ରଷର୍ ଇଉନିଟ୍ ଗୁଡ଼ିକରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପ-ଜିଲ୍ଲାପାଳ, ଖଇରା ତହସିଲଦାର, ଖଣି ଅଧିକାରୀ ସହ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଏକ ସଂଯୁକ୍ତ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ କ୍ରଷର୍ ୟୁନିଟ ଗୁଡିକରେ ଅବୈଧ ଭାବେ ସଞ୍ଚିତ ଖଣିଜ ସାମଗ୍ରୀ ବିରୁଦ୍ଧରେ ଆଇନାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବି ଏନ୍ ଏସ ଏସ ର ନିୟମ ୧୬୩ ଉଲ୍ଲଂଘନ ହେଉଛି



କି ନୁହେଁ, ତାହାର ମଧ ଯାଞ୍ଚ କରାଯାଇଥିଲା । କ୍ରଷର୍ ଇଉନିଟ୍ ଗୁଡ଼ିକରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ପାଳନ ହେଉଛି କି ନୁହେଁ, ସେଥିରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହାର ଅନ୍ତର୍ଗତ ଏକମାତ୍ର ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ ଠିକ୍ ଭାବେ ଷ୍ଟକ୍ ରେଜିଷ୍ଟର ରଖାଯାଉଛି କି ନୁହେଁ ଯଥାଯଥ ସୀମା ନିର୍ଦ୍ଧାରଣ ତ୍ରି ଲାଇନ ରକ୍ଷଣ ୨୪ ଘଣ୍ଟିଆ ସି ସି ଟି ଭି ନିରୀକ୍ଷଣ ବ୍ୟବସ୍ଥା ଅବୈଧ ଖଣିଜ ପରିବହନ ରୋକିବା ଓ ନିରୀକ୍ଷଣକୁ ସୁଦୃଢ଼ କରିବା ପାଇଁ ଖଇରା ବ୍ଲକ୍‌ର ଦେଉଳଗଡ଼ିଆ, ବାଗେଇପୁର ଓ ହାଣ୍ଡିଆହାଟ ଠାରେ ୩ଟି ଚେକ୍ ପୋଷ୍ଟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ, ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ବାଗୁଡ଼ି ଅଞ୍ଚଳର ଖଣି ଓ କ୍ରଷର୍ ଇଉନିଟ୍ ଗୁଡ଼ିକରେ ମଧ ସମାନ ପ୍ରକାରର ଯାଞ୍ଚ କରାଯାଇ, ଖଣି, ପରିବେଶ ଓ ସୁରକ୍ଷା ସମ୍ପର୍କିତ ନିୟମାବଳୀ ପାଳନ ବିଷୟରେ ସମୀକ୍ଷା କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅବୈଧ ଖଣି କାର୍ଯ୍ୟକଳାପ ଓ ନିୟମ ଉଲ୍ଲଂଘନ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରାଯିବା ସହ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୁନରୁଚ୍ଚାରଣ କରାଯାଇଛି ।

# ଚର୍ଚ୍ଚାରେ କୁପାରୀ ବନ୍ଧୁ ମିଳନ: ଗୋଟିଏ ମଞ୍ଚରେ ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ବ୍ଲକ ଉପାଧକ୍ଷ

ଖଇରା, ୩/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତଙ୍କ ଦ୍ୱାରା ଆହୂତ ବନ୍ଧୁ ମିଳନରେ ୫୩ତମଜନ୍ମଦିନ ପାଳନରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ନିଳଗିରି ବିଧାୟକ ସୁକାନ୍ତ ନାୟକ ଙ୍କ ଯୋଗଦାନ ଆଗାମୀ ଦିନରେ କିଛି ନୂଆ ସମ୍ଭାବନା ଓ କିଛି ନୂଆ ସମିକରଣ ସମ୍ପର୍କରେ ପୂର୍ବାଭାସ ଦେଉଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ମିଳନ ବେଶ ଗୁରୁତ୍ୱ ବହନ କରୁଛି । ପୂର୍ବ ସୂଚନା ଅନୁଯାୟୀ ଶ୍ରୀ ରାଉତ ଶନିବାର ନିଜ ସମର୍ଥକଙ୍କ ମଧ୍ୟରେ ବନ୍ଧୁ ମିଳନର ଆୟୋଜନ କରିଥିଲେ । କୁପାରୀ ପଞ୍ଚାୟତରୁ ହଜାରରେ ଉର୍ଦ୍ଧ ସମର୍ଥକ ଉପସ୍ଥିତ ରହି ପୂର୍ବତନ ଉପାଧକ୍ଷ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜଣାଇ ଚାଲିଥିଲେ । ଏଭଳି ସମୟରେ ପୂର୍ବତନ ମନ୍ତ୍ରୀ ଓ ନିଳଗିରିର ପୂର୍ବତନ ବିଧାୟକଙ୍କ ଯୋଗଦାନ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି । ସାଧାରଣ ନିର୍ବାଚନ ପୂର୍ବରୁ ବର୍ତ୍ତମାନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସହ ଶ୍ରୀ ରାଉତ ନିକଟତର ହେବା ଏବଂ ନିର୍ବାଚନ ପରେ ବିଧାୟକ ଓ ଶ୍ରୀରାଉତ ଙ୍କ ମଧ୍ୟରେ ମନାନ୍ତର ଏବଂ ପୁଣି ହଠାତ ଜ୍ୟୋତି ପ୍ରକାଶ ଓ ଜୟନ୍ତ ରାଉତଙ୍କ ମଧ୍ୟରେ ଘନିଷ୍ଠତା ସିମୁଳିଆ ନିର୍ବାଚନ ମଣ୍ଡଳୀର କିଛି ନୂଆ ସମିକରଣ କୁ ଇଙ୍ଗିତ କରୁଛି । ଏ ସମ୍ପର୍କରେ ପ୍ରାକ୍ତନ ଉପାଧକ୍ଷଙ୍କୁ ଯୋଗାଯୋଗ କରିବାରେ ଏହା କୌଣସୀ ଦଳୀୟ କାର୍ଯ୍ୟକ୍ରମ ନଥିଲା । ଜ୍ୟୋତି ପାଣିଗ୍ରାହୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଛି । ଏଥିଯୋଗୁଁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ସେମାନେ ଆସିଥିଲେ ବୋଲି କହିଛନ୍ତି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦୁରେଇ ଯାଇଥିବା ଖାସ ଅନୁଗତଙ୍କୁ ଶ୍ରୀ ପାଣିଗ୍ରାହୀ ପାଖକୁ ଆଣିବାରେ ସକ୍ଷମ ହେବା ଏବେ ବିରୋଧୀଙ୍କୁ ଚିନ୍ତାରେ ପକାଇଛି ।

# ଅଜଣା ଦୁର୍ବୃତ୍ତ ଲଗାଇଲା ନିଆଁ: ବଡ ଦୁର୍ଘଟଣାରୁ ବର୍ତ୍ତିଲେ ଗ୍ରାମବାସୀ

ବସ୍ତା , ୩/୧ (ନି.ପ୍ର): ଅଙ୍ଗନୱାଡିର କ୍ଷତି ଘଟାଇବା ପାଇଁ ଶୁଖିଲା ବାଉଁଶ ଭାଡ଼ିରେ ନିଆଁ ଲଗାଇଲା ଅଜଣା ଦୁର୍ବୃତ, ସୂଚନା ଯୋଗ୍ୟ ରୂପସା ଥାନା ଅଧୀନରେ ଥିବା ତାହାରପୁର ଗ୍ରାମ ର ଆଗୋରଗୋହିରା ୧ ଅଙ୍ଗନୱାଡି କୁ ଲାଗି ରହିଥିବା ଶୁଖିଲା ବାଉଁଶ ଭାଡ଼ି ର ତଳୁ ଝୋଟ ସାହାଯ୍ୟ ରେ ନିଆଁ ଲଗାଇ ଅଙ୍ଗନୱାଡି ର କ୍ଷତି ପହଞ୍ଚାଇବା ପାଇଁ କେହି ନିଆଁ ଲଗାଇ ଦେଇଯାଇଚି । ହୁତୁ ହୁତୁ ନିଆଁ ଜଳୁ ଥିବା ଦେଖି ଗ୍ରାମ ବାସୀ ମନେ ସ୍ଥାନୀୟ ବସ୍ତା ଦମକଳ ବାହୀନି କୁ ଖବର ଦେଇଥିଲେ । କିଛି ସମୟ ପରେ ଅଗ୍ନିସମ ବାହିନୀ ଆସି ନିଆଁ କୁ ଆୟତ କରିଥିଲେ । ଅଙ୍ଗନୱାଡି ରେ ବିଭିନ୍ନ ପ୍ରକାରର ସାମଗ୍ରୀ , ରୋଷେଇ ପାଇଁ ଗ୍ୟାସ ଟାଙ୍କି, ବିଭିନ୍ନ ପ୍ରକାର କାଗଜ ପତ୍ର ଥିବାରୁ ବଡ ଦୁର୍ଘଟଣା ରୁ ବର୍ତୀ ଯାଇଛି ଅଙ୍ଗନୱାଡି ଶହ ଆଖ ପାଖ ଅଞ୍ଚଳ । ଅଙ୍ଗନୱାଡି ର ସୁରକ୍ଷା ଓ ପଢୁ ଥିବା ଛାତ୍ର ଛାତ୍ରୀ ଙ୍କ ସୁରକ୍ଷା ପାଇଁ ଅଙ୍ଗନୱାଡି କୁ ପାଚେରୀ ମାଧମ ରେ ଘେରି ଏକ ଗେଟ ର ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# କାନମାସର ରଜତ ଜୟନ୍ତୀ ପାଳିତ



ପାରାଦୀପ, ୩/୧ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପର ସାହିତ୍ୟ, ନାଟକର ଅନୁଷ୍ଠାନ କାନମାସ ତାର ୨୬ତମ ପ୍ରତିଷ୍ଠା ଦିବସ ଗତ ୨ ଜାନୁଆରୀ ଦିନ କାର୍ଯ୍ୟାଳୟ ପରିସରରେ ପାଳନ କରିଥିଲା । ଅନୁଷ୍ଠାନର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟବିତ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଲ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ , ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦାନ କରି କାନମାସର ଦିର୍ଘ ୨୬ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ । ଅତିଥି ମାନେ କହିଥିଲେ କି କେବଳ ପାରାଦୀପ ସହରରେ ନୁହେଁ ସାରା ରାଜ୍ୟରେ ନାଟ୍ୟ ଚେତନା ଜାଗ୍ରତ କରିବା, ନାଟ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଏବଂ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ କାନମାସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସର୍ବ ପ୍ରଥମେ କାନମାସର ସମ୍ପାଦକ ଶ୍ରୀମନ୍ ମିଶ୍ର କାନମାସର ଏହି ୨୬ ବର୍ଷ ଯାତ୍ରା ସମ୍ବନ୍ଧରେ ବିବରଣୀ ପାଠ କରିଥିଲେ । ସେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉଲ୍ଲେଖଯୋଗ୍ୟ ଏହିକି ଯେ ଏ ବର୍ଷ ଦିଲ୍ଲି ଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଥିବା ରଙ୍ଗ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ କାନମାସ ମନୋନୀତ ହୋଇଛି ଓ ରଙ୍ଗ ମହୋତ୍ସବର କିଛି ନାଟକ ଆମ ପାରାଦୀପ ସହରରେ ମଧ ପରିବେଶୀତ ହେବ ଯାହାକି ଆମ ପାଇଁ ଗୌରବର ବିଷୟ । ଏହି ଅବସରରେ ସର୍ବ ପ୍ରଥମେ କବିତା ପାଠ କରାଯାଇଥିଲା । ପରେ ପରେ ଅନୁଷ୍ଠାନରେ ନାଟ୍ୟ ଶିକ୍ଷା ଲାଭ କରିଥିବା ନୂତନ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସୃତି ନାଟକ ଯଯାତି ପରିବେଷଣ କରାଯାଇଥିଲା । କାନମାସ ତରଫରୁ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଲ, ପାରାଦୀପ ମ୍ୟୁନିସିପାଲଟିର ଅଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କାନମାସର ସମ୍ପାଦକ ଶ୍ରିମନ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବଭାରତୀୟ କାରାଟେ ଚମ୍ପିୟାନସିପ : ବ୍ରୋଞ୍ଜ ପଦକ ହାସଲ କଲେ ବାରିପଦାର ଦୀପକ

ବାରିପଦା , ୩/୧ (ନି.ପ୍ର): 'ତୁଳସୀ ଦୁଇ ପତ୍ରରୁ ବାସେ' - ଏହା ପ୍ରମାଣିତ କରିଛନ୍ତି ବାରିପଦାର ଦୀପକ କୁଁଅର ଓ ୨୦୧୯ ମସିହାରେ ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ଅନ୍ୟମାନଙ୍କର କାରାଟେ ଅଭ୍ୟାସ କରୁଥିବାର ଦେଖି ୭ ବର୍ଷର ଦୀପକ କାରାଟେ ପ୍ରତି ଆକୃଷ୍ଟ ହୋଇଥିଲେ ଓ ଦିବ୍ୟାଙ୍ଗ ପିତା ରଙ୍ଗକାମ କରି ପରିବାର ପାଳୁଥିଲେହେଁ ପୁଅର ଜିଦ ଆଗରେ ହାରମାନି କାରାଟେ ସ୍କୁଲରେ ନାମ ଲେଖେଇ ଦେଇଥିଲେ ଓ ଗୁରୁ ସୁଶାନ୍ତ ବାରିକଙ୍କ ଠାରୁ ଉପଯୁକ୍ତ ପ୍ରଶିକ୍ଷଣ ପାଇ ଦୀପକ ପ୍ରଥମ ଥର ପାଇଁ ୨୦୨୩ ମସିହାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବେଶ ଉତ୍ସାହିତ ହୋଇଥିଲେ ଓ ୨୦୨୪ ମସିହାରେ ସବ ଜୁନିୟର ରାଜ୍ୟସ୍ତରୀୟ କାରାଟେ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ୨୦୨୫ ମେ ମାସରେ ରାଞ୍ଚିଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ ଓ ୨୦୨୫ ଡିସେମ୍ବର ୨୭ ରୁ ୩୦ ମଧ୍ୟରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ



୪୫ କିଲୋଗ୍ରାମରୁ କମ ବାଳକ ବିଭାଗରେ ୩ୟ ସ୍ଥାନ ଅଧିକାର କରି ପୁଣିଥରେ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ଓ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ଜନାର୍ଦ୍ଦନପୁର ନିବାସୀ ବିଶ୍ୱନାଥ କୁଁଅର ଓ ରୀତା କୁଁଅର ଙ୍କ ପୁଅ ଦୀପକ ବର୍ତ୍ତମାନ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀର ଛାତ୍ର ଓ ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ଓ ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ ଦୀପକ ନିଶ୍ଚୟ ଦିନେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିବେ ବୋଲି ପ୍ରଶିକ୍ଷକ ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।

# ବଣସୀମାରୁ ବାଲାଂଦେଶୀଙ୍କୁ ନହଟେଇଲେ ୧୦ରେ ରାସ୍ତାରୋକ ଚେତାବନୀ

ନୀଳଗିରି, ୩/୧ (ନି.ପ୍ର): ନୀଳଗିରି ବ୍ଲକର ବଣସୀମା ଅଞ୍ଚଳର ହିନ୍ଦୁସଙ୍ଗଠନ ଓ ବଜରଙ୍ଗଦଳ ପକ୍ଷରୁ ବରହମପୁର ପୋଲିସ ଓ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ବଣସୀମା ଅଞ୍ଚଳରୁ ବାଲାଂଦେଶୀଙ୍କୁ ହଟେଇବା ନିମନ୍ତେ ଦାବୀପତ୍ର ପ୍ରଦାନ କରାଯାଇଛି । ବାଂଲାଦେଶରେ ହିନ୍ଦୁ ଧର୍ମାବଲମ୍ବୀ ଲୋକମାନଙ୍କୁ ଅକଥନୀୟ ଅତ୍ୟାଚାର ସହ ନିର୍ମମଭାବେ ହତ୍ୟା କରାଯାଉଥିବା ବେଳେ ବଣସୀମା ଅଞ୍ଚଳରେ ବାଲାଂଦେଶୀ ଲୋକମାନେ ବିଭିନ୍ନ କାର୍ଯ୍ୟକରିବା ଆଳରେ ରହି ଏଠାରେ ଚୋରି, ରାହାଜାନି, ଲୁଟ,ଧଳାଜହର ଓ ଗଞ୍ଜେଇ ଚୋରାଚାଲଣ କାର୍ଯ୍ୟରେ ଲିପ୍ତ ରହିଛନ୍ତି ।୭ଦିନ ମଧ୍ୟରେ ସେମାନଙ୍କୁ ଚିହ୍ନଟକରାଯାଇ ସେମାନଙ୍କ ବିରୋଦ୍ଧରେ ଦୃଢକାର୍ଯ୍ୟନୁଷ୍ଠାନ ନେବାପାଇଁ ପ୍ରଶାସନକୁ ନିକଟରେ ଦାବୀକରାଯାଇଛି । ନଚେତ ଆଗାମୀ ୧୦ତାରିଖ ୧୯ନମ୍ବର ରାଜ୍ୟ ରାଜପଥରେ ରାସ୍ତାରୋକ ହେବବୋଲି ଚେତାବନୀ ଦିଆଯାଇଛି ।ତେବେ ନିକଟରେ ନୀଳଗିରି ଅଞ୍ଚଳରେ ହୋଇଥିବା ଚୋରିରେ ୩ଜଣ ବେଙ୍ଗଲ ଫେରିବାଲାଙ୍କୁ ଗିରଫ କରାଯାଇଥିଲା ।ଅପରପକ୍ଷରେ ନୀଳଗିରି ଏନଏସି ରାଡାର ରାସ୍ତା ନିକଟରେ ସରକାରୀ ଜମିକୁ ଜବରଦଖଲ କରି ଘରକରିବା ସହ ତଞ୍ଚକତା କରି ନୀଳଗିରିର ଆଧାର କାର୍ଡ କରିଥିବା ୫ବେଙ୍ଗଲ ପରିବାରଙ୍କୁ ଉଚ୍ଛେଦ କରାଯାଇଥିଲା । ତଦନୁଯାୟୀ ନୀଳଗିରିର ବଣସୀମା ଅଞ୍ଚଳରେ ଥିବା ବାଲାଂଦେଶ ମୁର୍ସିଦାବାଦ ଅଞ୍ଚଳର ଲୋକଙ୍କୁ ଚିହ୍ନଟକରି ଦୃଢକାର୍ଯ୍ୟାନୁଷ୍ଠାନ ନେବାପାଇଁ ଏହି ଦାବୀହୋଇଛି ।ଅପରପକ୍ଷରେ ଉକ୍ତ ବେଙ୍ଗଲ ଲୋକମାନଙ୍କୁ ସ୍ଥାନୀୟ ଆଧାରକାର୍ଡ କରିବାରେ କେଉଁ ସରକାରୀ ଅଧିକାରୀ ଓ କେଉଁ ବଡବଡିଆଙ୍କ ହାତରହିଛି ସେ ନେଇ ତଦନ୍ତ କରାଯାଉ ବୋଲି ହିନ୍ଦୁ ସମାଜ ପକ୍ଷରୁ ମଧ ଦାବି କରାଯାଇଛି ।

# ଅବସରପ୍ରାପ୍ତ ପିଅନଙ୍କ ପରଲୋକ

ବସ୍ତା , ୩/୧ (ନି.ପ୍ର): ବସ୍ତା ତହସିଲର ପୂର୍ବତନ ପିଅନ ତଥା ବାହାର୍ଦ୍ଦା ଗ୍ରାମନିବାସୀ ସୁଧାକର ପ୍ରଧାନଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଦେହାନ୍ତ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ରାତିରେ ଖାଇ ସାରି ଶୋଇଥିବା ସମୟରେ ହୃଦ୍ ଘାତଜନିତ ମୃତ୍ୟୁ ଘଟିଥିଲା । ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲେହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ପୁତ୍ର, ପୁତ୍ର ବୋଧୂ, ବଡ ଝିଅ, ଜ୍ୱାଇଁ , ନାତି, ନାତୁଣୀ ଉପସ୍ଥିତ ଥିଲେ । ସେ ମିଷ୍ଟଭାଷୀ, ପରୋପକାରୀ, କର୍ତ୍ତବ୍ୟପରାୟଣ ଓ ସମୟାନୁବର୍ତ୍ତୀ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବସ୍ତା ତହସିଲଦାର, ଅତିରିକ୍ତି ତହସିଲଦାରଙ୍କ ସମେତ ସମସ୍ତ କର୍ମଚାରୀ,ବସ୍ତା ବିଦ୍ୟୁତ୍ ସେକ୍ସନ ଜେଇ , ଶିକ୍ଷକ ଅରୁଣ କୁମାର ଘୋଷ, ଭଜହରି ଜେନା ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗାଁ ସ୍ମଶାନରେ ଆଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida